## ମହିଳାଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା, ୪।୧୦(ଡି.ଏନ.ଏ.): କିଶୋରନଗର ଥାନା ଭଗବାନପୁର ଗ୍ରାମର ଲଭଲି ବେହେରାଙ୍କୁ ସେହିଗ୍ରାମର କାର୍ତ୍ତିକ ବେହେରା, ଶେତ ବେହେରା, କାମିନି ବେହେରା ଗୁରୁବାର ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ସଂକ୍ରାନ୍ତରେ ନଂ. ୧୧୮/୧୯ରେ ମାମଲା ରୁଜୁ କରିଛି। ପୋଲିସ କହିଛି, କିଛି ଦିନ ହେବ ଲଭଲି ଓ କାର୍ତ୍ତିକଙ୍କ ପରିବାର ମଧ୍ୟରେ ଗଣ୍ଡଗୋଳ ଲାଗି ରହିଥିଲା। ଏହାକୁ କେନ୍ଦ୍ର କରି ଲଭଲିଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।




## ହାତୀ ମୃତ୍ୟୁର ଅନୁଧ୍ୟାନ କରିବ ୬ ଜଣିଆ କମିଟି

ଭୁବନେଶ୍ୱର, ୪।୧୦(ବ୍ୟୁରୋ)

ହାତୀଙ୍କୁ ହରପିସ୍ ସଂକ୍ରମଣକୁ ନେଇ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ଏହାର ଅନୁଧ୍ୟାନ ପାଇଁ ସେଣ୍ଟ୍ରାଲ ଜୁ' ଅଥରିଟି ପକ୍ଷରୁ ଏକ କମିଟି ଗଠନ ହୋଇଛି। ଏହି କମିଟିରେ ୬ଜଣ ସଦସ୍ୟ ରହିଛନ୍ତି। ଖୁବଶୀଘ୍ର ଏହି କମିଟି ହାତୀ ମୃତ୍ୟୁ ଘଟଣାର ଅନୁଧ୍ୟାନ କରିବ ବୋଲି ଶୁକ୍ରବାର ଜଙ୍ଗଲ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସୂଚନା ଦେଇଛନ୍ତି। ସେ କହିଛନ୍ତି, ବନ୍ୟଜନ୍ତୁ ଓ ମଣିଷ ମଧ୍ୟରେ ଦେଖାଦେଇଥିବା ସଂଘର୍ଷ ବନ ବିଭାଗ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ରାଜ୍ୟରେ ଥିବା ୧୧ହଜାର ବନ ସୁରକ୍ଷା ସମିତି ସଂଖ୍ୟାକୁ ୨୦ହଜାରକୁ ବୃଦ୍ଧି କରାଯିବ। ଏଥିପାଇଁ ଟେକ୍ନୋଲୋଜିର ବ୍ୟବହାର ହେବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ନନ୍ଦନକାନନରେ ଗତ ଗତ ୧ ମାସ ଭିତରେ ହରପିସ୍‌ରେ ୪ ହାତୀଙ୍କ ମୃତ୍ୟୁ ହେଇଛି। ଏହା ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ନିଦ ହଜାଇ ଦେଇଛି। ଅଗଷ୍ଟ ୨୫ରେ ହାତୀ 'ଜୁଲି', ସେପ୍ଟେମ୍ବର ୧୫ରେ 'ଚନ୍ଦନ' ଏବଂ ୧୯ରେ 'କମଳା'ର ମୃତ୍ୟୁ ହୋଇଥିବା ବେଳେ ସେପ୍ଟେମ୍ବର ୨୦ରେ ୭ବର୍ଷର ଛୁଆହାତୀ 'ଗୌରୀ'ର ମୃତ୍ୟୁ ଘଟିଥିଲା।

## ନୂଆ ଆଇଆଇସିଙ୍କ ଯୋଗଦାନ

ବଅଁରପାଳ/କଣିହାଁ/ବଇଣ୍ଡା, ୪।୧୦(ଡି.ଏନ.ଏ.)


ବଅଁରପାଳର ନୂଆ ଆଇଆଇସି।

ନାଲ୍‌କୋ ଥାନାର ନୂତନ ଆଇଆଇସି ଭାବେ ସରୋଜିନି ସାମ୍ୱାଡା ଶୁକ୍ରବାର ଯୋଗ ଦେଇଛନ୍ତି। ଏଠାରେ ଆଇଆଇସି ଥିବା ଗୀତାଞ୍ଜଳି ସାହୁଙ୍କର ବନ୍ତଳା ଥାନାକୁ ବଦଳି ହୋଇଛି। ଥାନା ଅଞ୍ଚଳରେ ଅପରାଧ ହ୍ରାସ, ଡ୍ରଗ୍ସ କାରବାର ଉପରେ ରୋକ ଲଗାଯିବା ଉପରେ ଗୁରୁତ୍ୱ ଦିଆଯିବ ବୋଲି ନୂତନ ଥାନା ଅଧିକାରୀ କହିଛନ୍ତି।

ସେହିପରି କଣିହାଁ ବ୍ଲକ ଏନ୍‌ଟିପିସି ଟାଉନ ଥାନାରେ ଶୁକ୍ରବାର ନୂତନ ଆଇଆଇସି ଭାବେ ଦୀପିକା ଦେବୀ ରାୟ ଯୋଗଦାନ କରିଛନ୍ତି। ସେ ଏହା ପୂର୍ବରୁ ନିଶା ଥାନାରେ କାର୍ଯ୍ୟରତ ଥିଲେ। ପୂର୍ବରୁ ଏନଟିପିପି ଥାନାରେ ଥିବା ଆଇଆଇସି ରାଜେନ୍ଦ୍ର ମହାପାତ୍ର ନୂଆ ଆଇଆଇସିଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ଅଞ୍ଚଳବାସୀଙ୍କ ସମସ୍ୟା ସମାଧାନ କରି ନ୍ୟାୟ ପ୍ରଦାନ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଆଇଆଇସି ରାୟ କହିଛନ୍ତି। ସେହିପରି ଠାକୁରଗଡ ଥାନା ସେକେଣ୍ଡ ଅଫିସର ଶଶିଭୂଷଣ ବେହେରାଙ୍କ ଅନୁଗୋଳ ହେଡକ୍ୱାର୍ଟର୍ସକୁ ବଦଳି ହୋଇଥିବାରୁ ତାଙ୍କ ବଦଳରେ ସୁରେଶ ଚନ୍ଦ୍ର ବେହେରା ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଥିବା ଜଣାପଡ଼ିଛି।

## ଟାୱାରରୁ ଜେନେରେଟର ଚୋରି

**ବଇଣ୍ଡା, ୪।୧୦(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା କମରେଇଠାରେ ଏକ ଘରୋଇ ମୋବାଇଲ ଟାୱାରରୁ ଜେନେରେଟର ଚୋରି ହୋଇଥିବା ଟାୱାର କର୍ମଚାରୀ ତୁସରକାନ୍ତ ନାୟକ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏ ନେଇ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ଟାୱାରରେ କୌଣସି କର୍ମଚାରୀ ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଚୋରି କରିଛନ୍ତି।









## ସଂକ୍ଷେପରେ

### ଆରୋହଣକାରୀ ବିଭାରାଣୀଙ୍କୁ ସଫଳତା



ତାଳଚେର,୪।୧୦(ନି.ପ୍ର.)- ଚତୁର୍ଥ ବିଜୁ ପଟ୍ଟନାୟକ ହିମାଳୟ ଅଭିଯାନରେ ସାମିଲ ହୋଇଥିବା ଢେଙ୍କାନାଳ ଓ ଅନୁଗୋଳର ଏକମାତ୍ର ପ୍ରତିଯୋଗୀ ବିଭାରାଣୀ ପାତ୍ର ସଫଳତା ଅର୍ଜନ କରିଛନ୍ତି। ସେ ଜମ୍ମୁ କଶ୍ମୀର ଲେ ଲଦାଖର ଷ୍ଟକ-କାଙ୍ଗ୍ରୀର ୨୦,୧୪୭ ଫୁଟ ଉଚ୍ଚ ଶୃଙ୍ଗ ଆରୋହଣ କରି ସଫଳତାର ସହ ଫେରି ଆସିଛନ୍ତି। ଭାରତର ପ୍ରଥମ ମହିଳା ଏଭରେଷ୍ଟ ବିଜୟିନୀ ବଚେନ୍ଦ୍ରୀ ପାଲ ଏବଂ ଓଡ଼ିଶାର ଏଭରେଷ୍ଟ ବିଜୟୀ ପୁରୁଷ ଗଣେଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ସେପ୍ଟେମ୍ବର ୯ରୁ ୨୭ ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ହୋଇଥିଲା। ହିମାଳୟ ଯାତ୍ରାରୁ ସଫଳତାର ସହ ଫେରିବା ପରେ ବିଭାରାଣୀଙ୍କୁ କ୍ରୀଡାମନ୍ତ୍ରୀ ତୁଷାର କାନ୍ତ ବେହେରା ଓ କ୍ରୀଡା ସଚିବ ବିଶାଲ ଦେବ ଶୁଭେଚ୍ଛା ଜଣାଇଛନ୍ତି।

### ରାସ୍ତା ଜବରଦଖଲମୁକ୍ତ ଦାବି

ତାଳଚେର,୪।୧୦(ନି.ପ୍ର.)- ତାଳଚେର ପୌରାଞ୍ଚଳ ଅନ୍ତର୍ଗତ ୧୨ ନଂ. ୱାର୍ଡ ରେମୁଆଁର ମୁଖ୍ୟ ରାସ୍ତାକୁ ଜବରଦଖଲମୁକ୍ତ ସହ ସାର୍ବଜନୀନ କରାଯିବା ପାଇଁ ଗ୍ରାମ କମିଟି ପକ୍ଷରୁ ଉପଜିଲାପାଳଙ୍କ ଠାରେ ଦାବି କରାଯାଇଛି। ରେମୁଆଁ ଗ୍ରାମ କମିଟି ପକ୍ଷରୁ ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି ଯେ, ରେମୁଆଁ ମୁଖ୍ୟ ରାସ୍ତା ହାଟତୋଟା ମୁଖ୍ୟବଜାର, ହନୁମାନ ମନ୍ଦିର, ଯୁବରାଜ ହାଇସ୍କୁଲ, ମହିଳା ମହାବିଦ୍ୟାଳୟକୁ ସଂଯୋଗ କରୁଛି। ହେଲେ ଏହି ରାସ୍ତାକୁ ଜନୈକ ବ୍ୟକ୍ତି ଅବରୋଧ କରିଛନ୍ତି। ଉକ୍ତ ରାସ୍ତା ବିଧାୟକଙ୍କ ଉନ୍ନୟନ ପାଣ୍ଠିରୁ ନିର୍ମାଣ କରାଯାଇଛି। ଗ୍ରାମ ମହିଳା ସଂଘ ପକ୍ଷରୁ ରାସ୍ତା ଅବରୋଧକୁ ବିରୋଧ କରାଯାଇଥିଲା। କିନ୍ତୁ ସମ୍ପୃକ୍ତ ବ୍ୟକ୍ତି କିଛି ନ ଶୁଣିବାରୁ ସଂଘ ଗ୍ରାମ୍ୟ କମିଟିକୁ ଏ ନେଇ ଅବଗତ କରିଥିଲା। ଏଥିସହ ସଂଘ ପକ୍ଷରୁ ସଦର ଥାନାରେ ଏକ ଏତଲା ମଧ ଦିଆଯାଇଛି। ମାତ୍ର କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଗ୍ରାମ୍ୟ କମିଟି ପ୍ରଶାସନର ଦ୍ୱାରସ୍ଥ ହୋଇଛି। ଯଦି ଏହାର ସୁବିଚାର କରା ନ ଯାଏ ତେବେ ଆନ୍ଦୋଳନ କରାଯିବ ବୋଲି ରେମୁଆଁ ଗ୍ରାମ କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି।

■ଝସକେତନଙ୍କୁ ମିଳିନି ଉପଯୁକ୍ତ ଦଣ୍ଡ

### ସରକାରଙ୍କୁ ଅବଗତ କଲେ ପିପି

ଅନୁଗୋଳ ଅଫିସ, ୪।୧୦- ଅନୁଗୋଳ ଜିଲା ଜରପଡ଼ା ଥାନା କୁଶକିଳା ଠାରେ ଦୁଇ ଭାଇଙ୍କୁ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଝସକେତନ ରାଉତଙ୍କ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ଅନୁଗୋଳ ଜିଲା ଓ ଦୌରାଜଜ୍ ଏହି ମାମଲାର ଶୁଣାଣି କରି ଏପରି ଦଣ୍ଡବିଧାନ ଶୁଣାଇଥିଲେ ହେଁ ଏହା ପର୍ଯ୍ୟାପ୍ତ ନ ଥିବା ସରକାରୀ କ୍ୟାଡର ପିପି ପ୍ରଦୀପ ଦାସ କହିଛନ୍ତି। ଏ ନେଇ ସେ ଅନୁଗୋଳ ଏସ୍‌ପିଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଅବଗତ କରିଛନ୍ତି। କୋର୍ଟ ୩୬୪ ଦଫାରେ ଝସକେତନଙ୍କ ସମ୍ପୃକ୍ତି ନ ଥିବା କହିବା ସହ ୩୦୨ ଦଫାରେ ଆଜୀବନ କାରାଦଣ୍ଡ ନିର୍ଦ୍ଦେଶ ଦେଇଥିଲେ। ସରକାରୀ ପିପି ଦୋଷୀକୁ ଫାଶୀ ଦେବା ପାଇଁ କୋର୍ଟଙ୍କ ନିକଟରେ ପ୍ରାର୍ଥନା କରିଥିଲେ। କିନ୍ତୁ କୋର୍ଟ ଏହାକୁ ଆଗ୍ରାହ୍ୟ କରି ଆଜୀବନ କାରାଦଣ୍ଡ ରାୟ ଶୁଣାଇଥିଲେ। ଏହି ରାୟ ପ୍ରକାଶ ପାଇବା ପରେ ୩୭୭ ସିଆରପିସି ଜରିଆରେ ସରକାରୀ ପିପି ଦୁଇଟି ଦଫା ୩୬୪ ଓ ୩୦୨ରେ ଠିକ୍ ନ୍ୟାୟ ପ୍ରଦାନ କରାଯାଇ ନ ଥିବା ହୃଦୟଙ୍ଗମ କରି ସରକାରଙ୍କୁ ଅବଗତ କରିଛନ୍ତି। ଏଥିସହ ଦୁଇଟି ଦଫାରେ ପୁନର୍ବିଚାର କରିବାକୁ ପ୍ରସ୍ତାବ ପ୍ରଦାନ କରିଛନ୍ତି। କୋର୍ଟରେ ପ୍ରକାଶ ପାଇଥିବା ରାୟର ନକଲ ଏସ୍‌ପିଙ୍କ ମାଧମରେ ଡାଇରେକ୍ଟର ପବ୍ଲିକ ପ୍ରସିକ୍ୟୁଶନଙ୍କୁ ପଠାଯିବା ସହ ପୁନର୍ବିଚାର କରିବାକୁ ପ୍ରସ୍ତାବ ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ଆଇନ ବିଭାଗକୁ ରାୟର ନକଲ ଗଲା ପରେ ତାହାକୁ ତର୍ଜମା କରାଯାଇ ଆଡଭୋକେଟ୍ ଜେନେରାଲଙ୍କ ନିକଟକୁ କପି ପଠାଯିବାର ବ୍ୟବସ୍ଥା ରହିଛି। ରାୟରେ ପୁନର୍ବିଚାର ପାଇଁ ସରକାର ହୃଦବୋଧ କଲେ ସିଧାସଳଖ ଭାବେ ରାୟ ବିରୋଧରେ ଉଚ୍ଚ ନ୍ୟାୟାଳୟରେ ଆବେଦନ କରିବାର ନିୟମ ରହିଛି ବୋଲି ସରକାରୀ କ୍ୟାଡର ପିପି ଦାସ କହିଛନ୍ତି।

■ଅନୁଗୋଳରେ ଆରମ୍ଭ ହେଲା ଗ୍ରାହକ ସେବା ପ୍ରୟାସ

# ୧୩୦୩ ଜଣଙ୍କୁ ୩୦ କୋଟିର ଋଣ ମଞ୍ଜୁରିପତ୍ର

ଅନୁଗୋଳ ଅଫିସ, ୪।୧୦

ବ୍ୟାଙ୍କ ସେବାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଶୁକ୍ରବାର ଆରମ୍ଭ ହୋଇଛି ଗ୍ରାହକ ସେବା 'ପ୍ରୟାସ'। ୟୁକୋ ବ୍ୟାଙ୍କ ଦ୍ୱାରା ଜିଲା ପରିଷଦ ସମ୍ମିଳନୀ ଗୃହରେ ଶୁକ୍ରବାର ପୂର୍ବାହ୍ନରେ ଅନୁଷ୍ଠିତ ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଜିଲାପାଳ ମନୋଜ କୁମାର ମହାନ୍ତି ଯୋଗଦେଇ ଶତ ପ୍ରତିଶତ ଆର୍ଥିକ ସେବା ବ୍ୟାଙ୍କଗୁଡ଼ିକ ମାଧମରେ ଲୋକମାନଙ୍କୁ ଯୋଗାଇ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ବ୍ୟାଙ୍କ ଗୁଡ଼ିକ ଜିଲାର ଗରିବ, ଚାଷୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଋଣ ପ୍ରଦାନ କରି ଗ୍ରାମାଞ୍ଚଳର ସାହୁକାର ଓ ସୁଧଖୋର ମହାଜନମାନଙ୍କ କବଳରୁ ମୁକ୍ତ କରିବା ସହିତ ରାଜ୍ୟର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। କଲିକତାସ୍ଥିତ ୟୁକୋ ବ୍ୟାଙ୍କର ସାଧାରଣ ପ୍ରବନ୍ଧକ ଦିଲୀପ କୁମାର ମିର୍ଦ୍ଧା ବ୍ୟାଙ୍କର ସମସ୍ତ ପ୍ରକାର ସେବା ଯେପରି ଲୋକମାନଙ୍କ ନିକଟରେ ପହଞ୍ଚିପାରିବ ସେଥିପାଇଁ ଉଦ୍ୟମ ଜାରି ରହିବ ବୋଲି ପ୍ରକାଶ କରିଥିଲେ।

ଅନୁଗୋଳ ଜିଲାର ସମସ୍ତ ୨୦ଟି ବ୍ୟାଙ୍କ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଋଣ, ଗୃହ ଋଣ, କାର ଋଣ, ଲଘୁ ଉଦ୍ୟୋଗ, ଶିକ୍ଷା ଋଣ, କୃଷି ଋଣ ଓ ମୁଦ୍ରା ଋଣ ଆଦିରେ ମୋଟ୍ ୧୩୦୩ ଜଣ ଗ୍ରାହକଙ୍କୁ ୩୦ କୋଟି ୨୨ ଲକ୍ଷ ଟଙ୍କାର ମଞ୍ଜୁରୀପତ୍ର ପ୍ରଦାନ କରିଥିଲେ। ସେହିପରି ଏକକାଳୀନ ଋଣ ପରିଶୋଧ ଯୋଜନାରେ ୧୦୪ ଜଣ ଋଣ ଖିଲାପି ଗ୍ରହୀତାଙ୍କୁ ୪୭.୬୭ ଲକ୍ଷ ଟଙ୍କାର ଆପୋସ ସମାଧାନ କରାଯାଇଥିଲା। ବିଭିନ୍ନ ଆର୍ଥିକ ଅନ୍ତର୍ଭୁକ୍ତି ଯୋଜନାରେ ୩୬୯ ଜଣଙ୍କୁ ସୁରକ୍ଷା ବୀମା, ୨୪୩ ଜଣଙ୍କୁ ଜୀବନ ଜ୍ୟୋତି ବୀମା, ୧୮୫୪ ଜଣଙ୍କୁ ଅଟଳ ପେନ୍‌ସନ ଯୋଜନା, ୯୬୧ ଜଣଙ୍କୁ ଏଟିଏମ୍ କାର୍ଡ ପ୍ରଦାନ କରାଯାଇଥିଲା। ସେବା ଯୋଗାଇବାରେ ଯଦି କୌଣସି ବ୍ୟାଙ୍କରେ ସମସ୍ୟା ସୃଷ୍ଟି ହୁଏ ସେଥିପାଇଁ ସମ୍ପୃକ୍ତ ବ୍ୟାଙ୍କ ଦାୟୀ ରହିବେ ବୋଲି କଲିକତାସ୍ଥିତ ୟୁକୋ ବ୍ୟାଙ୍କର ସାଧାରଣ ପ୍ରବନ୍ଧକ କର୍ମକର୍ତ୍ତାମାନଙ୍କୁ ତାଗିଦ୍ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ୟୁକୋ ବ୍ୟାଙ୍କ ସମ୍ବଲପୁରର ଜୋନାଲ ମ୍ୟାନେଜର ସଞ୍ଜୟ କୁମାର ପାଟିଲ, ଭୁବନେଶ୍ୱର ନାବାର୍ଡର ଏଜିଏମ୍ ନରେନ୍ଦ୍ର ପ୍ରସାଦ ପାଢ଼ୀ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ଏସ୍.ଆର୍. ଦାସ, ଭାରତୀୟ ଷ୍ଟେଟ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ପି.କେ. ଜେନା ଓ ଅନୁଗୋଳ ସଂଯୁକ୍ତ ସମବାୟ ବ୍ୟାଙ୍କର ସମ୍ପାଦକ ଭକ୍ତେଶ୍ୱର ମଲ୍ଲିକ ପ୍ରମୁଖ ଯୋଗଦେଇ ଗ୍ରାହକ ସେବା ପ୍ରୟାସ କାର୍ଯ୍ୟକ୍ରମରେ ବ୍ୟାଙ୍କ ଗୁଡ଼ିକର ବିଭିନ୍ନ ସେବା ଉପଲବ୍ଧ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଦେଶର ୨୫୦ଟି ଜିଲାରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଓଡ଼ିଶାର ଅନୁଗୋଳ ସମେତ ୫ଟି ଜିଲାରେ ଏହା ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଅନୁଗୋଳ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପାର୍ଶ୍ୱରେ ୧୮ଟି ବ୍ୟାଙ୍କ ଦ୍ୱାରା ୨୦ଟି ଷ୍ଟଲ ଖୋଲାଯାଇ ବ୍ୟାଙ୍କରେ ଉପଲବ୍ଧ ସେବା ସମ୍ପର୍କରେ ଗ୍ରାହକମାନଙ୍କୁ ଅବଗତ କରିଥିଲେ। ଶନିବାର ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଷ୍ଟଲଗୁଡ଼ିକୁ ଅତିଥିମାନେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଲ୍‌ଡିଏମ୍ ମହେଶ୍ୱର ଗୌଡ଼ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଗୋଳର ସମସ୍ତ ବ୍ୟାଙ୍କର କର୍ମକର୍ତ୍ତାଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ବ୍ୟାଙ୍କ ଗୁଡ଼ିକର ଋଣ ଗ୍ରହିତାମାନେ ଯୋଗ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ୟାଙ୍କ କର୍ମକର୍ତ୍ତା, ଋଣ ଗ୍ରହିତା ଓ ଅନ୍ୟମାନେ।



## ବୟନିକା ହସ୍ତତନ୍ତ ମେଳା ଉଦ୍‌ଘାଟିତ

ଅନୁଗୋଳ ଅଫିସ, ୪।୧୦

ପାର୍ବଣ ପାଇଁ ଅନୁଗୋଳ ଷ୍ଟାଡିୟମ ସ୍ଥିତ ଜିଲା ଆଥ୍‌ଲେଟିକ୍ ଆସୋସିଏଶନ୍ ପଡ଼ିଆରେ ବୟନିକା ଦ୍ୱାରା ହସ୍ତତନ୍ତ ମେଳା ଉଦ୍‌ଘାଟିତ ହୋଇଛି। ଏହାକୁ ଜିଲାପାଳ ମନୋଜ କୁମାର ମହାନ୍ତି ଉଦ୍‌ଘାଟନ କରିଥିବାବେଳେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ବୟନିକା ସମ୍ପାଦକ ଦେବରାଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହି ମେଳା ପୂର୍ବାହ୍ନ ୧୧ଟାରୁ ରାତି ୯ ଘଟିକା ପର୍ଯ୍ୟନ୍ତ ଖୋଲା ରହୁଛି। ଏଥିରେ ମୋଟ ୩୪ ଷ୍ଟଲ ପଡ଼ିଛି। ଆଧୁନିକ ଯୁଗରେ ଓଡ଼ିଶାର ହସ୍ତତନ୍ତ ପ୍ରସ୍ତୁତ ସମ୍ବଲପୁରୀ ବାନ୍ଧ ଶାଢ଼ୀ, ନୂଆପାଟଣା ଖଣ୍ଡୁଆ ଶାଢ଼ୀ, ସୋନପୁରୀ ବମ୍‌କେଇ ଶାଢ଼ୀ, କୋଟ୍‌ପାଡ଼ ଶାଢ଼ୀ, ଯାଜପୁର ଅନ୍ତର୍ଗତ ଗୋପାଳପୁରରର ଟସର ବସ୍ତ୍ର ଆଦି ଦେଶ ବିଦେଶରେ ବିଶେଷ ଭାବେ ଆଦୃତ ଲାଭ କରିଛି ବୋଲି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ କହିଥିଲେ।

## ୫ନଂ. ୱାର୍ଡରେ ସଫେଇ କାର୍ଯ୍ୟକ୍ରମ

ଅନୁଗୋଳ ଅଫିସ, ୪।୧୦

'ଆମ ଅନୁଗୋଳ ଆମ ଗୌରବ' ପକ୍ଷରୁ ଗାନ୍ଧୀ ଜୟନ୍ତୀ ଅବସରରେ ସ୍ୱଚ୍ଛତା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଚନ୍ଦ୍ରକାନ୍ତ ଧଳଙ୍କ ନେତୃତ୍ୱରେ ପୌରପାଳିକାର ୫ ନମ୍ବର ୱାର୍ଡରେ ସଫେଇ କରାଯାଇଥିଲା। ଅନୁଷ୍ଠାନର ଉପଦେଷ୍ଟା ସୁଧୀର ରଞ୍ଜନ ସାହୁ, ଅଶୋକ ମୋଦି, ବ୍ରଜବନ୍ଧୁ ଦେହୁରୀ, ଅମୀୟ ତ୍ରିପାଠୀ, ଦୀପକ ସାହୁ, ଆଦିତ୍ୟ ଫୋଗଲା, ବିକାଶ ଶର୍ମା, ଅଲତାଫ ଅଲ୍ଲୀ, ମହାଦେବ ଶର୍ମା, ସୂର୍ଯ୍ୟକାନ୍ତ ଧଳ, ସୁଶାନ୍ତ ସ୍ୱାଇଁ, ସିତେନ୍ଦ୍ର ସେନାପତି, ସମୀର ବେହେରା, ସବଦର ଅଲ୍ଲୀ, ଦୀପ୍ତି ସାହୁ ଓ ସନ୍ତୋଷ ସ୍ୱାଇଁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## କଣିହାଁରେ ବିଜେଡିର ପଦଯାତ୍ରା




ପଦଯାତ୍ରାରେ ସାମିଲ ହୋଇଥିବା ବିଜେଡି କାର୍ଯ୍ୟକର୍ତ୍ତାମାନେ।

ପବିତ୍ରନଗର, ୪।୧୦(ଡି.ଏନ.ଏ.)

ଅନୁଗୋଳ ଜିଲା କଣିହାଁ ବ୍ଲକରେ ବିଜେଡିର ପଦଯାତ୍ରା ଜାରି ରହିଛି। ପାଲଲହଡ଼ା ବିଧାୟକ ଓ ବିଜେଡି କର୍ମୀମାନେ ପ୍ରତିଦିନ ବିଭିନ୍ନ ପଞ୍ଚାୟତ ଯାଇ ପଦଯାତ୍ରା କରି ଲୋକଙ୍କ ସହିତ ମିଶିବା ସହ ସରକାରଙ୍କ ଜନହିତକର ଯୋଜନା ବିଷୟରେ ଅବଗତ କରାଉଛନ୍ତି। ଶୁକ୍ରବାର ଅପରାହ୍ନରେ କଣିହାଁ ବ୍ଲକ କୁଲେଇ ପଞ୍ଚାୟତର ବିଭିନ୍ନ ଗ୍ରାମରେ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଲଲହଡା ବିଧାୟକ ମୁକେଶ କୁମାର ପାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପଞ୍ଚାୟତର କୁଲେଇ, କଟରାପଡା ଆଦି ଗ୍ରାମରେ ବିଧାୟକ ଓ ଦଳୀୟ କର୍ମୀମାନେ ବୁଲିବା ସହ 'ମୋ ସରକାର' ବିଷୟରେ ଜନ ସାଧାରଣଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ଗ୍ରାମବାସୀ ସେମାନଙ୍କ ସମସ୍ୟା ବିଧାୟକଙ୍କୁ ଅବଗତ କରାଇଥିଲେ। ବ୍ଲକ ବିଜେଡି ସଭାପତି କୈଳାସ ଚନ୍ଦ୍ର ସାହୁ, ଝସକେତନ ପ୍ରଧାନ, ପ୍ରବୀଣ ବେହେରା, ପ୍ରଦୀପ ସାମଲ, ପଞ୍ଚାୟତ ସଭାପତି କୈଳାସ ସାହୁ, ୧୦ନଂ ଜୋନ ସଂଯୋଜକ ସୁବାସ ଚନ୍ଦ୍ର ମହାନ୍ତି, ବାବୁ ପ୍ରଧାନ, ଦେବରାଜ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

## ଆଇଡିଆଲ ପବ୍ଲିକ ସ୍କୁଲରେ ଗାନ୍ଧୀ ଜୟନ୍ତୀ

ଅନୁଗୋଳ ଅଫିସ, ୪।୧୦

ଅନୁଗୋଳର ଗାନ୍ଧୀ ମାର୍ଗ ସ୍ଥିତ ଆଇଡିଆଲ୍ ପବ୍ଲିକ ସ୍କୁଲରେ ମହାତ୍ମା ଗାନ୍ଧୀ ଜୟନ୍ତୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କର ଜୟନ୍ତୀ ପାଳିତ ହୋଇଯାଇଛି। ସ୍କୁଲ ଅଧ୍ୟକ୍ଷ ଆଶିଷ ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କୋଶଳା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପ୍ରାଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ ଉଦ୍‌ଘାଟନ କରିଥିଲେ। ଜିଲା ସଂଯୋଜକ ମହର୍ଷି ଦୟାନନ୍ଦ ସର୍ଭିସ୍ ମିଶନର କଲ୍ୟାଣ କିଶୋର ମହାନ୍ତି ମୁଖ୍ୟବକ୍ତା ଭାବରେ ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇ ଗାନ୍ଧିଜୀଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସ୍ୱଚ୍ଛ ଭାରତ ପ୍ରସଙ୍ଗ ଉପରେ ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ୬୩୬ ଦିବ୍ୟାଙ୍ଗ ଚିହ୍ନଟ



କଣିହାଁ, ୪।୧୦(ଡି.ଏନ.ଏ.)

କଣିହାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଜିଲା ପ୍ରଶାସନ ସହଯୋଗରେ କଣିହାଁ ପଞ୍ଚାୟତ ସମିତି ତରଫରୁ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ରମେଶ କୁମାର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ, ଅନ୍ୟତମ ଅତିଥି ଭାବେ ଜିଲା ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ମନୋରମା ପ୍ରଧାନ, ଏବିଡିଓ ବିଜୟ କୁମାର ମେହେର, ସହକାରୀ ନିର୍ବାହୀ ଯନ୍ତ୍ରୀ ରବୀନ୍ଦ୍ର ନାଥ ବେହେରା ଯୋଗ ଦେଇଥିଲେ। ଦିବ୍ୟାଙ୍ଗମାନେ କୌଣସି କ୍ଷେତ୍ରରେ ଅନ୍ୟମାନଙ୍କଠାରୁ କମ୍ ନୁହନ୍ତି ବୋଲି ଅତିଥି ମାନେ ପ୍ରକାଶ କରିଥିଲେ। ଏଥିରେ ମୋଟ ୬୩୬ ଜଣ ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରାଯାଇଥିଲା। ଶିବିରକୁ ଆସିପାରି ନ ଥିବା ଦିବ୍ୟାଙ୍ଗମାନେ ବ୍ଲକ କାର୍ଯ୍ୟାଳୟକୁ ଆସି ଜଣାଇବାକୁ ବିଡିଓ ଅନୁରୋଧ କରିଥିଲେ। ଶ୍ରୀ ସତ୍ୟସାଇ ୱେଲଫେୟାର ଅର୍ଗାନାଇଜେଶନ, ବଇଣ୍ଡା ତରଫରୁ ସେବାକର୍ମୀମାନେ ମାଗଣାରେ ଅନଲାଇନ ବ୍ୟବସ୍ଥାରେ ଦିବ୍ୟାଙ୍ଗମାନଙ୍କ ନାମ ପଞ୍ଜୀକରଣରେ ସହଯୋଗ କରିଥିଲେ। ବ୍ଲକ ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଶରତ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡାକ୍ତର ଜ୍ଞାନରଞ୍ଜନ ବିଶ୍ୱାଳ, ସୁଧର୍ମା ପାତ୍ର, ଏସ୍ କେ ପୂଜାରୀ, ଆର କେ ଏସ୍ ମହାପାତ୍ର, ସୁଶାନ୍ତ କୁମାର ନାୟକ, ଯଦୁନାଥ ମୁର୍ମୁ ଯୋଗ ଦେଇ ଦିବ୍ୟାଙ୍ଗମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

■ପାର୍ବଣ ପରେ ହେବ ନୂତନ ବସଷ୍ଟାଣ୍ଡ ଉଦ୍‌ଘାଟନ

## ସରିଲାଣି ୯୦ ପ୍ରତିଶତ କାର୍ଯ୍ୟ




ଅନୁଗୋଳ ଅଫିସ, ୪।୧୦

ଅନୁଗୋଳର ନୂଆ ସରକାରୀ ବସ୍‌ଷ୍ଟାଣ୍ଡ ପାର୍ବଣ ପରେ ଉଦ୍‌ଘାଟନ ହେବ। ଇତିମଧ୍ୟରେ ୯୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇଥିବା ବେଳେ ମୁଖ୍ୟ ଫାଟକରେ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ(ଓଏସ୍‌ଆର୍‌ଟିସି) ବୋର୍ଡ ଲଗାଯାଇଛି। ମୁଖ୍ୟ ଫାଟକରେ ଅଳ୍ପ କିଛି କାର୍ଯ୍ୟ ବାକି ରହିଥିବାବେଳେ ପାର୍ବଣ ପରେ ଏହା ଶେଷ ହୋଇଯିବ ବୋଲି ଓଏସ୍‌ଆରଟିସି ପକ୍ଷରୁ ସୂଚନା ଦିଆଯାଇଛି। ପ୍ରକାଶ ଯେ, ଦୀର୍ଘଦିନ ପରେ ଅନୁଗୋଳ ଓଏସ୍‌ଆରଟିସି ବସ୍‌ଷ୍ଟାଣ୍ଡ ବିବାଦ ତୁଟିଛି। ଜବରଦଖଲରେ ଥିବା ବ୍ୟବସାୟୀମାନେ ସେଠାରୁ ଉଠିବା ପରେ ଶିଥିଳ ପଡ଼ିଥିବା କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ମିଳିଥିବା ସୂଚନା ମୁତାବକ ବସ୍‌ଷ୍ଟାଣ୍ଡ ଅଟ୍ଟାଳିକା, ଗ୍ୟାରେଜ, ଯାତ୍ରୀ ବିଶ୍ରାମାଗାର, କର୍ମଚାରୀଙ୍କ ବିଶ୍ରାମ ଗୃହ, ଦୋକାନ ଗୃହ କାର୍ଯ୍ୟ ଶେଷ ହୋଇଛି। ମୁଖ୍ୟ ଫାଟକ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଉଦ୍‌ଘାଟନ ପୂର୍ବରୁ କି ପରେ ଦୋକାନ ଘର ଗୁଡ଼ିକ ବଣ୍ଟନ କରାଯିବ ତାହା ଓଏସ୍‌ଆର୍‌ଟିସି ପକ୍ଷରୁ ସ୍ଥିର କରାଯାଇ ନାହିଁ। ଏ ନେଇ ଅନୁଗୋଳ ଓଏସ୍‌ଆର୍‌ଟିସି ଅଧିକାରୀ ମାଗୁଣି ମହାନ୍ତି କହିଛନ୍ତି, କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବର୍ତ୍ତମାନ ପୂଜା ସମୟରେ ବିଭିନ୍ନ ଆଡେ ଡ୍ୟୁଟି ପ୍ରଦାନ କରାଯିବ। ଏହାପରେ ଉଦ୍‌ଘାଟନ କାର୍ଯ୍ୟ କରାଯିବ।

# ଚକ୍ଷୁଦାନ ପାଇବେ ମୃଣ୍ମୟୀ ମୂର୍ତ୍ତି

ଅନୁଗୋଳ ଅଫିସ, ୪।୧୦

ଅନୁଗୋଳ ସହରରେ ମା' ଦୁର୍ଗାଙ୍କ ଆଗମନ ହୋଇଛି। ମା ମୃଣ୍ମୟୀ ମୂର୍ତ୍ତିରେ ଶୁକ୍ରବାର ଅଙ୍କୁରାରୋପଣ କରାଯିବା ସହ କଳସ ଶୋଭାଯାତ୍ରା କରାଯାଇଛି।

**ଆଜି ସପ୍ତମୀ ପୂଜା**

ଶନିବାର ବିଭିନ୍ନ ମଣ୍ଡପରେ ସପ୍ତମୀପୂଜା ଅନୁଷ୍ଠିତ ହେବ। ଏଥିସହ ଦେବୀଙ୍କ ନବ ପତ୍ରିକା ପୂଜା ପରେ ମୃଣ୍ମୟୀ ମୂର୍ତ୍ତିର ଚକ୍ଷୁଦାନ କରାଯିବ। ସକାଳୁ ମା'ଙ୍କର ସୂର୍ଯ୍ୟପୂଜା, ଗୋପୂଜା ପରେ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରାଯିବ।

ସହରର ବିଭିନ୍ନ ମଣ୍ଡପରେ ମାଙ୍କ ପୂଜାର୍ଚ୍ଚନା ପାଇଁ ବେଲ ବରଣୀ କରାଯିବା ସହ କଳସ ଶୋଭାଯାତ୍ରା କରାଯାଇଥିଲା। ଅନୁଗୋଳର ରାଣୀଗୁଡ଼ା ଓ ଖଲାରୀରେ ମହିଳାମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏଥିସହ ସହରରେ ହେଉଥିବା ପୂଜା ମଣ୍ଡପ ଗୁଡ଼ିକରେ ତୋରଣ କାର୍ଯ୍ୟ ମଧ ଶେଷ ହୋଇଛି। ଅମଲାପଡ଼ା, ଶିମିଳିପଡ଼ା, ଦଶହରାପଡ଼ିଆ, ହୁଲୁରୁସିଂହା, ହେମସୁରପଡ଼ା, ରାଣୀଗୁଡ଼ା, ଶୁଙ୍ଗୁଡ଼ା, କାଲଟ୍ୟାକ୍ସ ଛକ, ବସଷ୍ଟାଣ୍ଡ ଓ ଗାନ୍ଧୀଛକରେ ଉତ୍ସବମୟ ପରିବେଶ ସୃଷ୍ଟି ହେଲାଣି। ମହାଷ୍ଟମୀରେ ସାଧାରଣ ପୂଜା ସହ ସନ୍ଧିପୂଜା କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଏଥିସହ କେତେକ ପୂଜା ମଣ୍ଡପରେ ଅଷ୍ଟମୀରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ପୂଜା ପାଇଁ ଅନୁଗୋଳ ପୋଲିସ ପକ୍ଷରୁ ମଧ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଟ୍ରାଫିକ ବ୍ୟବସ୍ଥାରେ ମଧ ପୂଜା ପାଇଁ ପରିବର୍ତ୍ତନ କରାଯାଇଛି। କଟକରୁ ୫୫ ନଂ ଜାତୀୟ ରାଜପଥରେ ଆସୁଥିବା ଗାଡ଼ି ଗୁଡ଼ିକୁ ଅଗ୍ନିଶମ ବିଭାଗ ଦେଇ ହେମସୁରପଡ଼ା, ଗାନ୍ଧିମାର୍ଗ ଦେଇ ହୁଲୁରୁସିଂହା ଛକରେ ଛଡ଼ାଯିବ। ଏଥିସହ ପ୍ରତ୍ୟେକ ପୂଜା ମଣ୍ଡପରେ ପୋଲିସ ମୁତୟନ ହେବା ସହ ଜଣେ ଡିଏସ୍‌ପି, ଜଣେ ଇନ୍ସପେକ୍ଟର, ୪ ଜଣ ଏସ୍‌ଆଇ ଓ ୧୦ ଜଣ ଏଏସ୍‌ଆଇ ପୂଜାରେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବେ। ଏଥିପାଇଁ ମୋଟ ୬ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି ବୋଲି ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ସୂଚନା ଦେଇଛନ୍ତି।



ଆୟୋଜିତ କଳସ ଶୋଭାଯାତ୍ରା।

## ସଂକ୍ଷେପରେ

### ରାଣୀଗୋଡ଼ା ବିଦ୍ୟାଳୟରେ ଗାନ୍ଧୀ ଜୟନ୍ତୀ

ଅନୁଗୋଳ ଅଫିସ, ୪ା୧୦- ଅନୁଗୋଳ ସହର ଉପକଣ୍ଠ ରାଣୀଗୋଡ଼ା ପ୍ରକଳ୍ପ ଉ.ପ୍ରା. ବିଦ୍ୟାଳୟରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ଜିଲା ପଞ୍ଚାୟତ ଅଧିକାରୀ ରାଜକିଶୋର ଦାଶ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଧନେଶ୍ୱର ଦାସ ଓ ସମ୍ମାନିତ ଅତିଥି ଭାବେ ମୋ ସ୍କୁଲ ଅଭିଯାନ ସଭାପତି ପୂର୍ଣ୍ଣଚନ୍ଦ୍ର ସିଂହସାମନ୍ତ, ସାମାଜିକ କର୍ମୀ ନୀର ସାହୁ, ସ୍କୁଲ ପରିଚାଳନା କମିଟି ସଭାପତି ଅନିଲ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଗିରିଶ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ମନୋରମା ପଣ୍ଡା, ବିନୋଦିନୀ ସାହୁ, ନିରୂପମା ସାହୁ, ଶିକ୍ଷକ ସନ୍ଦୀପ ସାହୁ ଓ ଉପେନ୍ଦ୍ର ସାମଲ ପ୍ରମୁଖ ପରିଚାଳନା କରିଥିଲେ। ମନୋରମା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବଡ଼କେରା ଠାରେ ଥିବା ଶ୍ରୀ ଶ୍ରୀ ଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ବୈରାଗୀ ଚରଣ ମହରଣା ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ଓଡ଼ିଆ ଅଧ୍ୟାପକ ଯଶୋବନ୍ତ ସାହୁ ପରିଚାଳନା କରିଥିଲେ। ଅଧ୍ୟାପକ ସଚ୍ଚିଦାନନ୍ଦ ପାଢ଼ୀ, ଶ୍ରୀମନ୍ତ କୁମାର ସାହୁ, ରତ୍ନାକର ଦାଶ, କ୍ଷୀରୋଦ କୁମାର ସାହୁ, ବିବେକାନନ୍ଦ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ଦୀପକ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

### ସତ୍ୟପଥରୁ ବିଚ୍ୟୁତ ହେବା ଉଚିତ ନୁହେଁ



ଅନୁଗୋଳ ଅଫିସ, ୪ା୧୦
ଅନୁଗୋଳର ସମଗ୍ର ଶିକ୍ଷା ଆନୁକୂଲ୍ୟରେ ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାରେ ୫୬ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ଯୋଗଦେଇ ସତ୍ୟ ପଥରୁ କେବେ ବିଚ୍ୟୁତ ହେବା ଉଚିତ ନୁହେଁ ବୋଲି କହିଥିଲେ। ଜିଲା ପ୍ରକଳ୍ପ ସଂଯୋଜକ ନିରଞ୍ଜନ ସାହୁ ସଭାକାର୍ଯ୍ୟ ସମ୍ପାଦନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ବଅଁରପାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲଳିତ ମୋହନ ସାହୁ, ତାଳଚେର ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁନୀଲ କୁମାର ମୁଣ୍ଡ, କିଶୋରନଗର ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ରଥ, ଛେଣ୍ଡିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ଈଶ୍ୱର ଚନ୍ଦ୍ର ସାହୁ, କଣିହାଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଖଗେଶ୍ୱର ବେହେରା ପ୍ରମୁଖ ଯୋଗଦେଇଥିଲେ। ଜିଲା ଶିକ୍ଷା ବିଜ୍ଞାନ ସଂଯୋଜକ ମନୋରଞ୍ଜନ ସାହୁ ଅତିଥି ପରିଚୟ ଓ ଗିରିଜା କୁମାରୀ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ୨୭ ଜଣ କୃତୀ ଛାତ୍ରୀଛାତ୍ରମାନଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିଳ୍ପୀ ଦେ ଧନ୍ୟବାଦ ପ୍ରଦାନ କରିଥିଲେ।

### ଏକଦିବସୀୟ ଫୁଟବଲ: ଶାଳଖମଣ ଚାମ୍ପିୟନ



ଛେଣ୍ଡିପଦା,୪ା୧୦(ସ୍ୱ.ପ୍ର)
ଛେଣ୍ଡିପଦା ବ୍ଲକ ଖମାର ଚାଉଳପୁଟ ଖେଳ ପଡିଆରେ ଚାଲିଥିବା ପଞ୍ଚାୟତସ୍ତରୀୟ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଛି। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ଖମାର-ବି ଓ ଶାଳଖମଣ ମଧ୍ୟରେ ଖେଳାଯାଇଥିଲା। ଖମାର-ବିକୁ ୨-୦ ଗୋଲରେ ହରାଇ ଶାଳଖମଣ ଚାମ୍ପିୟନ ହୋଇଛି। ମୁଖ୍ୟଅତିଥି ଭାବେ ଖମାର ସରପଞ୍ଚ ବିଜୟ କୁମାର ଗଡନାୟକ, ସମ୍ମାନିତ ଅତିଥି ହଳଧର ଗଡନାୟକ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଖେଳରେ ତୁଷାରକାନ୍ତ ମହାପାତ୍ର ରେଫରୀ ଭାବେ କାର୍ଯ୍ୟ ତୁଲାଇଥିଲେ। ଖମାର ସ୍ପୋଟସ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

■ପୂଜା ପାଇଁ ଉତ୍ସବମୟ କୋଇଲା ନଗରୀ

# ମୂର୍ତ୍ତି ସହ ତୋରଣ ମୁଖ୍ୟ ଆକର୍ଷଣ

ତାଳଚେର,୪ା୧୦(ନି.ପ୍ର.)



ଶାରଦୀୟ ଦୁର୍ଗାପୂଜା ପାଇଁ ଚଳଚଞ୍ଚଳ ହୋଇଉଠିଛି କୋଇଲା ନଗରୀ ତାଳଚେର। ଚଳିତବର୍ଷ ମା'ଙ୍କ ପୂଜାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ପୂଜା କମିଟି ପକ୍ଷରୁ ଉଦ୍ୟମ କରାଯାଇଛି। ଏମ୍‌ସିଏଲ୍‌ସ୍ଥିତ ବଳରାମ କୋଲନୀ, ଭରତପୁର, ଜଗନ୍ନାଥ, ସାଉଥବଲଣ୍ଡା, ସେଣ୍ଟ୍ରାଲ କଲୋନୀ, ଡେରା, ଦେଉଳବେଡା, ନନ୍ଦିରା, ଲିଙ୍ଗରାଜ ଖଣିରେ ପୂଜାର ଆୟୋଜନ କରାଯାଇଛି। ଭରତପୁର ପୂଜା କମିଟି ପକ୍ଷରୁ ୯୦ ଫୁଟ୍ ଉଚ୍ଚତା ଓ ୧୦୦ ଫୁଟ ଓସାରର ବିଶାଳକାୟ ତୋରଣର ନିର୍ମାଣ ହୋଇଛି। ଏଥିସହିତ ଅସାମାଜିକ କାର୍ଯ୍ୟକଳାପ ରୋକିବା ପାଇଁ ମଣ୍ଡପର ଚତୁଃପାର୍ଶ୍ୱରେ ସିସିଟିଭି କ୍ୟାମେରା ଲଗାଯାଇଛି। ଭିଡ ନିୟନ୍ତ୍ରଣ ପାଇଁ ବ୍ୟାପକ ପୋଲିସ ଓ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯାଇଥିବା ପୂଜା କମିଟି ସଭାପତି ତଥା ଭରତପୁର କୋଇଲା ଖଣି ପ୍ରକଳ୍ପ ଅଧିକାରୀ ଏସ୍.କେ. ଶର୍ମା ଓ ସମ୍ପାଦକ ଏସ୍.କେ. ଚୌଧୁରୀ ପ୍ରକାଶ କରିଛନ୍ତି। ସେହିପରି ମନୋରଞ୍ଜନ ପାଇଁ ଯାତ୍ରା, ମେଲୋଡି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଅନ୍ୟ ପୂଜାମଣ୍ଡପ ଗୁଡିକରେ ମଧ୍ୟ ପୂଜାକୁ ଆକର୍ଷଣୀୟ କରିବାକୁ ଏଲିଡ୍ ଲାଇଟ ଦ୍ୱାରା ସାଜସଜ୍ଜା କରାଯାଇଛି। ମୀନାବଜାର, ଦୋଳି, ଫାଷ୍ଟଫୁଡ୍ ଷ୍ଟଲ୍ ଆଦି ଖୋଲାଯାଇଛି। ଏହି ପୂଜାକୁ ଶୃଙ୍ଖଳିତ କରିବାକୁ ପୋଲିସ ତଥା ପ୍ରଶାସନ ପକ୍ଷରୁ ମଧ୍ୟ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ୫ ତାରିଖ ଶନିବାର ଦିନ ମହାସପ୍ତମୀ, ୬ ତାରିଖ ରବିବାର ମହାଷ୍ଟମୀ, ୭ ତାରିଖରେ ମା'ଙ୍କ ନବମୀ ପୂଜା ସହ ୮ ତାରିଖ ମଙ୍ଗଳବାର ଦିନ ବିଜୟା ଦଶମୀ ଓ ଅପରାଜିତା ପୂଜା ଅନୁଷ୍ଠିତ ହେବ। ବିଜୟାଦଶମୀ ଦିନ ସାଉଥ ବଲଣ୍ଡାସ୍ଥିତ ରାବଣପୋଡି ଅନୁଷ୍ଠାନ ପକ୍ଷରୁ ରାବଣ ପୋଡି ଉତ୍ସବ ପାଳନ କରାଯିବାର କାର୍ଯ୍ୟକ୍ରମ ରହିଛି। ୯ ତାରିଖ ଦିନ ମା' ଦଶଭୁଜାଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହେବ।

### ଏଇଡ ଜୀବନର ସ୍ୱତନ୍ତ୍ର ଉତ୍ସବ

ତାଳଚେର,୪ା୧୦(ନି.ପ୍ର.)

ତାଳଚେରରେ 'ଏଇଡ ଜୀବନ'ର ଏକ ସ୍ୱତନ୍ତ୍ର ଉତ୍ସବ ବାଇପାସ୍ ସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭାଜପା ନେତା ରବି ନାରାୟଣ ପାଣି ଯୋଗଦେଇଥିଲେ। ସାମାଜିକ କର୍ମୀ ବାପି ମହାନ୍ତି ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥିଭାବେ ତନୁଶ୍ରୀ ବେହେରା, ସନି ସିଂହ, ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ରୂପାଦୀପ୍ତା ମହାପାତ୍ର, ରେଣୁବାଳା ଦାସ, ଏଇଡ ଜୀବନର ରାଜ୍ୟ ସଭାପତି ପ୍ରିୟବ୍ରତ ପଟ୍ଟନାୟକ, ମୃତ୍ତିକା ସଂରକ୍ଷଣ ଅଧିକାରୀ ପ୍ରଶାନ୍ତ କୁମାର ଦାସ, ଓଡ଼ିଶା ଚଳଚ୍ଚିତ୍ର ନିର୍ଦ୍ଦେଶକ ଜିତୁ ରାଉତ ଓ ଆଇଡ୍ରିମ କଲେଜ ଅଧ୍ୟକ୍ଷ ଦୀପ୍ତିରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଥିଲେ। ସାହିତ୍ୟିକ ଜିତେନ୍ଦ୍ର ମହାପାତ୍ରଙ୍କ ସଂଯୋଜନାରେ ସାହିତ୍ୟିକା ନନ୍ଦିନୀ ରାଉତ, ଜିତେନ୍ଦ୍ର ମହାପାତ୍ର, ଅନୁପମା ପ୍ରଧାନ ଓ ଜନ୍ମେଶ୍ୱର ପଟ୍ଟନାୟକ, ବିଘ୍ନେଶ ସାହୁ, ଶିବ ପ୍ରସାଦ ବେହେରା, ଶାନ୍ତନୁ କୁମାର ବେହେରା, ଶ୍ରୀମତୀ ମୋଦି, ସୂଚନା ଦାସ, ମୀନତି ମହାରଣା, ଦିଲୀପ ମାଝି, ଜିତେନ୍ଦ୍ର ସାହୁ, ଶାନ୍ତନୁ କୁମାର ସାହୁ ଏବଂ ଦୀପ୍ତିରଞ୍ଜନ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ସମ୍ବର୍ଦ୍ଧିତ ମେଧାବୀ ଛାତ୍ରୀମାନେ।

### ମେଧାବୀ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

ସାତମାଇଲ,୪ା୧୦(ଡି.ଏନ.ଏ)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ସାତମାଇଲ ସ୍ଥିତ ଜନତା କଲେଜ ପରିସରରେ ବୁଧବାର ହିନ୍ଦୋଳ କଲ୍ୟାଣ ସଂଗଠନ ଆନୁକୁଲ୍ୟରେ ହିନ୍ଦୋଳ ଉପଖଣ୍ଡର ମେଧାବୀ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସଂଗଠନ ଉପସଭାପତି ଅବସରପ୍ରାପ୍ତ ଚିଫ ଇଲେକ୍ଟ୍ରିକାଲ ଇଞ୍ଜିନିୟର ପ୍ରବୋଧ କୁମାର ପାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଫକିରମୋହନ ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳପତି ପ୍ରଫେସର ଶୁକଦେବ ନନ୍ଦ, ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳପତି ପ୍ରଫେସର ଲକ୍ଷ୍ମୀନାରାୟଣ ମିଶ୍ର, ସମ୍ମାନିତ ଅତିଥି ଜନତା କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ପ୍ରମୋଦ କୁମାର ମିଶ୍ର, ଜନତା କଲେଜ ଅଧ୍ୟକ୍ଷ ପ୍ରଫେସର ପ୍ରଶାନ୍ତ କୁମାର ବେହେରା, ଇଂ. ଭାବବିନୋଦ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସଂଗଠନ ସମ୍ପାଦକ ବିରଞ୍ଚି ନାରାୟଣ ନାୟକ ଅତିଥି ପରିଚୟ ଦେଇଥିଲେ। ଦିଲୀପ ଦାଶ, ଅକ୍ଷୟ ପାଳ, ପବିତ୍ର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ସଂଗଠନ ସଦସ୍ୟ ରତିକାନ୍ତ ଗଡନାୟକ ଧନ୍ୟବାଦ ଦେଇଥିଲେ।

### ଜିଲାସ୍ତରୀୟ କବାଡ଼ି ଟୁର୍ନାମେଣ୍ଟ ପାଇଁ ବୈଠକ



ବଅଁରପାଳ,୪ା୧୦(ଡି.ଏନ.ଏ)

ବଅଁରପାଳ ବ୍ଲକ କୁଲାଡ଼ଠାରେ ହେବାକୁ ଥିବା ଲକ୍ଷ୍ମୀ ପୂଜା ଅବସରରେ ଆସନ୍ତା ୧୯ ଓ ୨୦ରେ ଜିଲାସ୍ତରୀୟ କବାଡ଼ି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥିରେ ଅନୁଗୋଳ ଓ ଢେଙ୍କାନାଳ ଜିଲାର ବଛାବଛା କବାଡି ଦଳ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏ ନେଇ କୁଲାଡ଼ ହାଇସ୍କୁଲଠାରେ ଶରତ ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଏକ ବୈଠକ ବସିଥିଲା। ଖେଳକୁ କିଭଳି ପରିଚାଳନା କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଜନ ଦଳ ବେହେରା, ବାମଦେବ ସେଠ, ପ୍ରଣବ ଜେନା, ପ୍ରଫୁଲ୍ଲ ସେଠ, ବିଜୟ ସାମଲ, ସୁବାସ ସେଠ, କଳ୍ପନା ସାମଲ, ସାଗରିକା ଅମାନ୍ତ, ଅନୁପମା ଅମାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

### ନିଶାମୁକ୍ତ ଓଡ଼ିଶା ଗଠନ ଦାବି

ତାଳଚେର,୪ା୧୦(ନି.ପ୍ର.)

ମିଳିତ ଓଡ଼ିଶା ନିଶା ନିବାରଣ, ମହିଳା ମଞ୍ଚ, ମା' ମାଟି ସୁରକ୍ଷା ସମିତି, ମା' ହିଙ୍ଗୁଳା ସଭା ପକ୍ଷରୁ ନିଶାମୁକ୍ତ ଓଡ଼ିଶା ଗଠନ ପାଇଁ ଏକ ସଚେତନତା ପଦଯାତ୍ରା ଓ ଶ୍ରଦ୍ଧାଞ୍ଜଳି ସଭା ତାଳଚେର ବ୍ଲକ ଅଫିସ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ରିତାରାଣୀ ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ମା' ହିଙ୍ଗୁଳା ମହାସଂଘ ସଭାନେତ୍ରୀ ପୁଷ୍ପଲତା ପ୍ରଧାନ, ଚିନ୍ମୟୀ ଦାସ, ମମତା ପ୍ରଧାନ, ନିରୁପମା ଦାସ,ସାମାଜିକ କର୍ମୀ ରୂପାଦୀପ୍ତି ମହାପାତ୍ର, ଆଇନଜୀବୀ ସନ୍ଧ୍ୟାରାଣୀ ସାମନ୍ତ, ଜାନି ଖଟୁଆ ପ୍ରମୁଖ ମଦମୁକ୍ତ ଓଡ଼ିଶା ଗଠନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ।

■ଚୋରା କୋଇଲା ଧରିଲା ଏସ୍‌ଟିଏଫ୍

# ଟ୍ରକ୍ ସହ ଲୋଡର ଜବତ, ୨ ଗିରଫ

ତାଳଚେର,୪ା୧୦(ନି.ପ୍ର.)

ତାଳଚେର ଖଣି ଅଞ୍ଚଳରୁ ଚୋରା କୋଇଲା ଚାଲାଣ ବେଳେ ଶୁକ୍ରବାର ଏସ୍‌ଟିଏଫ୍ ପକ୍ଷରୁ ଚଢ଼ାଉ କରାଯାଇ ଏକ ଟ୍ରକ୍ (ନଂ. ଓଆର୦୬ଜେ-୩୩୮୬) ଜବତ କରାଯାଇଛି। ଏଥିସହ ଗାଡ଼ି ଚାଳକ ନୟାଗଡ଼ର ମଗୁଲୁ ରାଉଳ ଓ ହେଲପର ହୃଦାନନ୍ଦ ନାୟକଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଏସ୍‌ଟିଏଫ୍ ଡିଏସ୍‌ପି ତେଜରାଜ ପଟେଲଙ୍କ ନେତୃତ୍ୱରେ ଏକ ଟିମ୍ ଏହି ଚଢ଼ାଉ କରିଥିଲା। ଉକ୍ତ କୋଇଲା ଲିଙ୍ଗରାଜ ଖଣିରୁ ନିଆଯାଉଥିବା ଚାଳକ ଓ ହେଲପର ସୂଚନା ଦେଇଥିବା ଏସ୍‌ଟିଏଫ୍ ପକ୍ଷରୁ କୁହାଯାଇଛି।

ସେହିପରି ସ୍କଟଲାଣ୍ଡପୁର କ୍ରଶର ନିକଟରୁ ତାଳଚେର ପୋଲିସ ଗୁରୁବାର ରାତିରେ ଚୋରା କୋଇଲା ବୋଝେଇ ବେଳେ ଏକ ଟ୍ରକ୍ (ନଂ. ଓଆର୧୯ବିଏଫ-୭୯୩୧) ଓ ଲୋଡର (ନଂ. ଓଆର ୩୫- ୮୯୫୦)କୁ ଜବତ କରିଛି। ଆଇଆଇସି ସୌଭାଗ୍ୟ ସ୍ୱାଇଁ ଓ ଅନ୍ୟ ଅଧିକାରୀମାନେ ଚଢ଼ାଉ କରିଥିଲେ। ଅନ୍ଧାରର ସୁଯୋଗ ନେଇ ଚୋରା କୋଇଲା ବେପାରୀ ଫେରାର ହୋଇ ଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି। ତାଳଚେର କୋଲ୍ ଫିଲ୍‌ଡସରୁ ଏକ ସୁସଙ୍ଗଠିତ ର୍ୟାକେଟ୍ ମାଧ୍ୟମରେ ଦୈନିକ ହଜାର ହଜାର ଟନ୍ କୋଇଲା ବାହାରକୁ ଚାଲାଣ ହେଉଥିବା ଅଭିଯୋଗ ହୋଇଆସୁଛି। କେତେଜଣ ପୋଲିସ ଓ ଦାୟିତ୍ୱରେ ଥିବା ବିଭାଗର କିଛି ଅଧିକାରୀଙ୍କ ସଲାସୁତରାରେ ଏହି କାରବାର ହେଉଥିବା ସାଧାରଣରେ ଅଭିଯୋଗ ହେଉଛି।

### ପ୍ରକୃତିରେ ବନ୍ୟପ୍ରାଣୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ




ବନ୍ତଳା, ୪ା୧୦ (ଡି.ଏନ୍.ଏ)

ଅନୁଗୋଳ ବନାଞ୍ଚଳର କୁଲାସିଂହା ସୁଦସାହି ବନ ସୁରକ୍ଷା ସମିତିରେ ୬୫ତମ ବନ୍ୟ ଜୀବନ ସପ୍ତାହ ପାଳିତ ହୋଇଯାଇଛି। ଗାନ୍ଧୀ ଜୟନ୍ତୀ ଅବସରରେ କୁଲାସିଂହ ବନ ସୁରକ୍ଷା ସମିତି ଓ ପ୍ରକୃତି ପରିବେଶ ବନ୍ୟ ଜୀବନ ସମିତି ମିଳିତ ଆନୁକୂଲ୍ୟରେ ଆୟୋଜିତ ସଚେତନତା ବୈଠକରେ ସମିତି ସଭାପତି କୁଶ ଅମାନ୍ତ ଅଧ୍ୟକ୍ଷତା କରିଥିଲେ। ନ୍ୟୁଜ ଅନୁଷ୍ଠାନର ଆମ ଜଙ୍ଗଲ ଯୋଜନା ଟିମ ଲିଡ଼ର ବିଜୟ କୁମାର ଜେନା, ବିକାଶ ଅଧିକାରୀ ସୁବ୍ରତ କୁମାର ପ୍ରଧାନ, ପ୍ରିୟବ୍ରତ ବେହେରା, ସମିତି ଉପସଭାପତି ପଦ୍ମିନୀ ଅମାନ୍ତ ଅତିଥି ଭାବେ ଯୋଗଦେଇଥିଲେ। ସନ୍ତୁଳିତ ପରିବେଶ ପାଇଁ ବନ୍ୟପ୍ରାଣୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ସେମାନଙ୍କ ସୁରକ୍ଷା ନିହାତି ଜରୁରୀ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଆନିମେଟର ସୁଶୀଲ ବେହେରା, ବୈକୁଣ୍ଠ ଅମାନ୍ତ, ସନ୍ତୋଷ ବେହେରା, ଦିଲୀପ ଅମାନ୍ତ ପ୍ରମୁଖ ସହଯୋଗ କରିଥିଲେ।

# 'ଏସ୍‌ଏଚ୍‌ଜିଙ୍କୁ ଅଧିକ ଋଣ ଦିଅନ୍ତୁ ବ୍ୟାଙ୍କ'

ଭୁବନେଶ୍ୱର,୪ା୧୦(ବ୍ୟୁରୋ)

ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ଗୁଡିକ ବ୍ୟାଙ୍କରୁ ନେଉଥିବା ଋଣକୁ ଠିକ୍ ଭାବେ ପୈଠ କରୁଥିବା ବେଳେ ସେମାନଙ୍କ ଉପରେ ଅନାଦାୟ ଋଣ (ଏନ୍‌ପିଏ) ରହୁନାହିଁ। ବ୍ୟାଙ୍କଗୁଡ଼ିକ ରାଜ୍ୟରେ ମୋଟ୍ ୨ ଲକ୍ଷ କୋଟି ଟଙ୍କାର ଋଣ ପ୍ରଦାନ କରିଛନ୍ତି। ଏସ୍‌ଏଚ୍‌ଜିଗୁଡ଼ିକୁ ଏହାର ଅଂଶ ୧୨ରୁ ୧୩% ରହିଛି। ଏହାକୁ ବଢାଇବା ଦିଗରେ ବ୍ୟାଙ୍କ ଗୁଡ଼ିକ କାର୍ଯ୍ୟ କରିବା ଉଚିତ ବୋଲି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ସ୍ଥାନୀୟ ଚନ୍ଦ୍ରଶେଖରପୁରଠାରେ ଏସ୍‌ବିଆଇ ଆନୁକୁଲ୍ୟରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗ୍ରାହକ ମେଳା କ୍ୟାମ୍ପର ଶୁଭାରମ୍ଭ କରି ସେ କହିଛନ୍ତି, ରାଜ୍ୟର ଅଧିକାଂଶ ଲୋକଙ୍କ ନିକଟରେ ବ୍ୟାଙ୍କ ଖାତା ରହିଛି। ଆଗାମୀ ଗୋଟିଏ ବର୍ଷ ବର୍ଷରେ ସବୁ ପରିବାରକୁ ବ୍ୟାଙ୍କ ଖାତା ଯୋଗାଣ ଦିଗରେ କାର୍ଯ୍ୟକ୍ରମ ଜାରି କରିବା ଦିଗରେ ବ୍ୟାଙ୍କ ଯୋଗଦାନ ରଖନ୍ତୁ। ରାଜ୍ୟରେ ଏବେ ମଧ୍ୟ ୪୦ ଲକ୍ଷ ଲୋକଙ୍କ ନିକଟରେ ଭଲ ବାସଗୃହ ନାହିଁ। ବ୍ୟାଙ୍କଗୁଡିକ ଏକ୍ଷେତ୍ରରେ କାର୍ଯ୍ୟ କରିବାର ସୁଯୋଗ ରହିଛି। ଓଡ଼ିଶାରେ ଅଧିକ ସଂଖ୍ୟକ ବ୍ୟାଙ୍କ ଖୋଲିବା ଲାଗି ଅର୍ଥମନ୍ତ୍ରଣାଳୟକୁ ସେ ଚିଠି ଲେଖିଥିବା କହିଛନ୍ତି। ଡିଜିଟାଲ ପ୍ଲାଟଫର୍ମରେ ୩୦ ସେକେଣ୍ଡରରେ ୫୦ ହଜାର ଟଙ୍କାର ଋଣ ମିଳି ପାରୁଛି ବୋଲି ସେ ସ୍ପଷ୍ଟ କରିଛନ୍ତି। ଏହି ଅବସରରେ ସେ ୨୬୦୬ ଜଣଙ୍କୁ ମୋଟ ୧୬୬.୧୧ କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରିଛନ୍ତି।

ସାଧାରଣ ଲୋକଙ୍କ ନିକଟରେ ବ୍ୟାଙ୍କ ସେବା ପହଞ୍ଚାଇ ଆର୍ଥିକ ଗତିବିଧିକୁ ମଜଭୁତ କରିବା ସରକାରଙ୍କ ଲକ୍ଷ୍ୟ ରହିଛି। ସେହିଭଳି ଦେଶର ବିକାଶ ଦିଗରେ ବ୍ୟାଙ୍କଗୁଡିକ ସାଧାରଣ ଲୋକଙ୍କୁ ସାମିଲ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସୂଚନା ଯୋଗ୍ୟ ଦେଶର ୪୦୦ ଜିଲାରେ ଋଣ ମେଳା ଆୟୋଜନ କାର୍ଯ୍ୟକ୍ରମ ଅନ୍ତର୍ଗତ ଓଡ଼ିଶାରେ ୬ ଜିଲାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଭୁବନେଶ୍ୱର ରେଳ ଅଡିଟୋରିମଠାରେ ଅନୁଷ୍ଠିତ ମେଳାରେ ୧୮ ବ୍ୟାଙ୍କ ଏବଂ ୪ ଘରୋଇ ବ୍ୟାଙ୍କ ପ୍ରତିଷ୍ଠାନ ନିଜର ଷ୍ଟଲ ସ୍ଥାପନ କରି ଲୋକଙ୍କୁ ଋଣ ଯୋଗାଇ ଦେଉଛନ୍ତି। କାର୍ଯ୍ୟକ୍ରମ ଅବସରରେ ଏସ୍‌ବିଆଇ ସିଜିଏମ୍ ପ୍ରବୀଣା କାଲା, ନାବାର୍ଡ ସିଜିଏମ୍ ଏ.ଚନ୍ଦ୍ରଶେଖର , ଆଇଓସିଏଲ୍ ସିଜିଏମ୍ ଶୁଭଜିତ ଘୋଷ, ଏସ୍‌ବିଆଇ ଜିଏମ୍ ସିଏଲ୍‌ଏନ୍ ଚାରୟୁଲୁ, ଏସ୍‌ଏଲ୍‌ବିସି କନଭେନର ଟି.ଆର୍.ଚୋକଲିଙ୍ଗମ, ଏସ୍‌ବିଆଇ ଡିଜିଏମ୍ ଡି.ସି.ବଳ, ଡିଜିଏମ୍ ଆନନ୍ଦ ବିକ୍ରମ ପ୍ରମୁଖ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅଭିଭାଷଣ ରଖୁଛନ୍ତି।

**ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଋଣ ମେଳା ଶୁଭାରମ୍ଭ**

■ପୌର କର୍ତ୍ତୃପକ୍ଷ ଦେଲେନି ପୂଜା ଆଡଭାନ୍ସ

# ଅସ୍ଥାୟୀ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ

ଅନୁଗୋଳ ଅଫିସ, ୪ା୧୦

ପ୍ରତିବର୍ଷ ପୂଜା ପୂର୍ବରୁ ଅନୁଗୋଳ ପୌରପାଳିକା ପକ୍ଷରୁ ଅସ୍ଥାୟୀ କର୍ମଚାରୀଙ୍କୁ ପୂଜା ଆଡଭାନ୍ସ ଦିଆଯାଇଥାଏ। ହେଲେ ଚଳିତବର୍ଷ ପୌର ପ୍ରଶାସନ ଉକ୍ତ ପରମ୍ପରା ଭଙ୍ଗ କରିଥିବାରୁ ଏହାକୁ ନେଇ ଅସ୍ଥାୟୀ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପୌରସଂସ୍ଥାରେ କାର୍ଯ୍ୟରତ ୩୯ ଜଣ ଅସ୍ଥାୟୀ କର୍ମଚାରୀଙ୍କ ମଧ୍ୟରୁ କେତେଜଣ ଏଥିପାଇଁ ସିଧାସଳଖ ପିଡି ଓ ଏପିଡିଙ୍କୁ ଦାୟୀ କରିଛନ୍ତି।



ସମ୍ପୃକ୍ତ କର୍ମଚାରୀମାନଙ୍କ କହିବା ଅନୁଯାୟୀ, ୧୫ ବର୍ଷରୁ ଅଧିକ ସମୟ ଧରି ୩୯ ଜଣ ଡିଏଲଆର ଓ ୨ ଜଣ କଣ୍ଟ୍ରାକଚୁଆଲ କର୍ମଚାରୀ ପୌରପାଳିକାରେ କାର୍ଯ୍ୟ କରୁଛନ୍ତି। ପ୍ରତିବର୍ଷ ପୂଜା ପୂର୍ବରୁ କର୍ତ୍ତୃପକ୍ଷ ଦରମା ସହ ପୂଜା ଆଡଭାନ୍ସ ବାବଦକୁ ୫ ହଜାର ଟଙ୍କା ଲେଖାଏ ଆଗ୍ରୀମ ପ୍ରଦାନ କରିଥାନ୍ତି। କିନ୍ତୁ ଚଳିତବର୍ଷ ଉକ୍ତ ଅଗ୍ରୀମ ପ୍ରଦାନ କରାଯାଇ ନାହିଁ। ଏପରି କି ୪ ତାରିଖ ଷଷ୍ଠୀ ପୂଜା ଦିନ କର୍ମଚାରୀଙ୍କୁ ଦରମା ପ୍ରଦାନ କରାଯାଇଛି। ପୂଜା ଆରମ୍ଭ ହୋଇ ସାରିଥିବା ବେଳେ କର୍ତ୍ତୃପକ୍ଷ ଏତେ ବିଳମ୍ବରେ ଦରମା ଦେବା ଓ ଅଗ୍ରୀମ ନ ଦେବା ଅତ୍ୟନ୍ତ ମନମୁଖୀ କାର୍ଯ୍ୟ ବୋଲି ସେମାନେ କହିଛନ୍ତି। ସେମାନେ ଆହୁରି କହିଛନ୍ତି ଯେ, ୨୦୧୮ରେ ପ୍ରଶାସନ ହାତକୁ ପୌରପାଳିକା ଯାଇଥିଲା। ସେହି ବର୍ଷ ମଧ୍ୟ ପୂଜା ଆଡଭାନ୍ସ ମିଳିଥିଲା। କିନ୍ତୁ ଚଳିତବର୍ଷ ଏପିଡି ଓ ପିଡି ଏହି ଫାଇଲରେ ହାତ ମାରି ଜାଣିଶୁଣି କର୍ମଚାରୀଙ୍କୁ ଆଡଭାନ୍ସରୁ ବଞ୍ଚିତ କରିଥିବା ଅଭିଯୋଗ କରିଛନ୍ତି। ଏ ନେଇ ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା କହିଛନ୍ତି, ଫାଇଲ ଯାଇଥିଲା। ସେଥିରେ ଅବଜେକଶନ୍ ଲାଗି ଫେରି ଆସିଛି। ପିଡି ଅତୁଲ୍ୟ କୁମାର ଚମ୍ପତିରାୟ କହିଛନ୍ତି, ନିୟମ ମଧ୍ୟରେ ରହି କାର୍ଯ୍ୟ କରୁଛୁ। ଅସ୍ଥାୟୀ କର୍ମଚାରୀଙ୍କୁ ଟଙ୍କା ପ୍ରଦାନ କରାଯାଇପାରିବ ନାହିଁ ବୋଲି ନିୟମ ରହିଛି। ଯଦି ନିର୍ବାହୀ ଅଧିକାରୀ ଚାହିଁବେ ସେ କର୍ମଚାରୀଙ୍କୁ ଟଙ୍କା ଦେଇପାରିବେ ବୋଲି ପିଡି କହିଛନ୍ତି।

### ଓଷାପାଲି ହାଇସ୍କୁଲରେ ସାହିତ୍ୟ ଆସର



ବଇଣ୍ଡା,୪ା୧୦(ଡି.ଏନ.ଏ.)

କିଶୋରନଗର ବ୍ଲକ ଓଷାପାଲି ହାଇସ୍କୁଲ ପରିସରରେ ବୁଧବାର ରାଧାମୋହନ ଗଡ଼ନାୟକ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଏକ କବିତା ପାଠୋତ୍ସବ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଆନନ୍ଦ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷକ ଚିତ୍ତରଞ୍ଜନ ମେଣ୍ଟୁଳୀ, ମୁଖ୍ୟବକ୍ତା ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୁଷ୍ଟି, ସମ୍ମାନିତ ଅତିଥି ଭାବେ ଶିକ୍ଷକ ପବିତ୍ରମୋହନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସଂସଦର ସଭାପତି ସଞ୍ଜୟ କୁମାର ପ୍ରଧାନ ସଂଯୋଜନା କରିଥିଲେ। ଏହି ଅବସରରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଶରତ ବେହେରା, ଶ୍ରୀବତ୍ସ ପ୍ରଧାନ, ନିରଞ୍ଜନ ହୋତା, ବାସବ ପଲେଇ, ସଞ୍ଜୟ ପ୍ରଧାନ, କୁନା ପ୍ରଧାନ କବିତା ପାଠ କରିଥିଲେ। ଶେଷରେ ସମସ୍ତ କବିମାନଙ୍କୁ ସମ୍ମାନିତ କରାଯାଇଥିଲା। କୁନା ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଆର୍‌ଟିଓ କାର୍ଯ୍ୟାଳୟରେ କିଓସ୍କୋ ଉଦ୍‌ଘାଟିତ



**ଢେଙ୍କାନାଳ ଅଫିସ, ୪।୧୦:** ଢେଙ୍କାନାଳ ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ)ଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ପୂର୍ବାହ୍ନରେ ୨ଟି କିଓସ୍କୋ ସୂଚନା ମେଶିନ ଉଦ୍‌ଘାଟିତ ହୋଇଛି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ଜନସାଧାରଣଙ୍କ ସୁବିଧା ଦୃଷ୍ଟିରୁ ଦେଢ଼ଲକ୍ଷ ଟଙ୍କା ବ୍ୟୟରେ ଉକ୍ତ କିଓସ୍କୋ ମେଶିନ ସ୍ଥାପନ କରାଯାଇଛି। ଏହା ମାଧ୍ୟମରେ କାର୍ଯ୍ୟାଳୟକୁ ଆସୁଥିବା ଲୋକମାନେ ଡ୍ରାଇଭିଂ ଲାଇସେନ୍ସ ଆବେଦନର ପରବର୍ତ୍ତୀ ସ୍ଥିତି ଜାଣିପାରିବେ। ଲାଇସେନ୍ସ ଏବଂ ଗାଡ଼ି ଫିଟନେସ୍ ପାଇଁ ଆବେଦନ କରିହେବ। ଗାଡ଼ି ଫିଟ୍‌ନେସ୍ ଏବଂ ପଞ୍ଜୀକରଣ ପାଇଁ ଆବେଦନ କରିଥିଲେ ମଧ ଜାଣିହେବ। କାର୍ଯ୍ୟକ୍ରମରେ ଆର୍‌ଟିଓ ଶ୍ରୀବତ୍ସ ଦଳାଇ, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଦେବାଶିଷ ସ୍ୱାଇଁ, କନିଷ୍ଠ ମୋଟରଯାନ ନୀରିକ୍ଷକ ମାନସ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

### ସମ୍ବର୍ଦ୍ଧିତ ହେଲେ ବରିଷ୍ଠ ନାଗରିକ

**ଢେଙ୍କାନାଳ ଅଫିସ, ୪।୧୦:** ଗଁଦିଆ ପଞ୍ଚାୟତ ସମିତି ସଭାଗୃହରେ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ସମିତି ଅଧକ୍ଷା ମିତାଞ୍ଜଳି ଭୂୟାଁଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଡିଓ ଶିବଶଙ୍କର ମିଶ୍ର, ଉପାଧକ୍ଷ ପ୍ରଫୁଲ୍ଲ ସାହୁ ମଞ୍ଚାସୀନ ଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ ରାମଚନ୍ଦ୍ର ଜେନା, ଅକ୍ଷୟ ରାଉତ, ବଂଶୀଧର ଶତପଥୀଙ୍କୁ ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତ ସମ୍ବର୍ଦ୍ଧିତ କରିଥିଲେ। ଗଁଦିଆ ବରିଷ୍ଠ ନାଗରିକ ମଞ୍ଚ ସଭାପତି ବିଜୟ କୁମାର ମିଶ୍ର, ସମ୍ପାଦକ ଅନନ୍ତ ଚରଣ ଶତପଥୀ, କାଳିନ୍ଦୀ ଚରଣ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗାୟକ ପ୍ରାଣବନ୍ଧୁ ଦାସ ଏବଂ କପିଳେଶ୍ୱର ବେହେରା ପାଲା ପରିବେଷଣ କରିଥିଲେ।

### ଡକାୟତି ମାମଲାର ଅଭିଯୁକ୍ତ ନିର୍ଦ୍ଦୋଷ

**କାମାକ୍ଷାନଗର, ୪।୧୦(ଡି.ଏନ୍.ଏ.):** କାମାକ୍ଷାନଗର ସହକାରୀ ଦୌରାଜଜ୍ ଇନ୍ଦୁ ଶର୍ମା ଗୁରୁବାର ଏକ ଡକାୟତି ମାମଲାର ଶୁଣାଣି କରି ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୧୬ ଫେବୃୟାରୀ ୯ରେ ଗଡ଼ନୃସିଂହପ୍ରସାଦ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରୁ ଲୁଟ୍ ହୋଇଥିଲା। ୮ରୁ ୯ଜଣ ମୁଖାଧାରୀ ବ୍ୟାଙ୍କରେ ପଶି ୨ ଲକ୍ଷ ୫୩ ହଜାର ୦୮୯ ଟଙ୍କା ଏବଂ ଅଳ୍ପ କିଛି ସୁନା ଧରି ଫେରାର ହୋଇଯାଇଥିଲେ। ଏ ନେଇ ତତ୍କାଳୀନ ବ୍ୟାଙ୍କ ପରିଚାଳକ ସୁରେନ୍ଦ୍ର ସାହୁଙ୍କ ଅଭିଯୋଗକ୍ରମେ ଭୁବନ ଥାନାରେ ନଂ. ୭/୧୭, ଦଫା ୩୯୫, ୨୫ ଅନୁଯାୟୀ ଆର୍ମସ ଆକ୍ଟରେ ମାମଲା ରୁଜୁ କରାଯାଇଥିଲା। ଏହି ଘଟଣାରେ ଜଗବନ୍ଧୁ ପୃଷ୍ଟି, ରୁପା ବରଜ, ନିଲୁ ବିରୁଆଙ୍କୁ ପୋଲିସ ଗିରଫ କରିଥିଲା। ମାମଲାର ସିଟି ସ୍ପେଶାଲ କେସ୍ ନଂ. ୪୦/୧୯ର ବିଚାର କରି ସାକ୍ଷ୍ୟ ପ୍ରମାଣ ଅଭାବରୁ କୋର୍ଟ ସମସ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ତରଫରୁ ଆଇନଜୀବୀ ମନ୍ମଥ ମିଶ୍ର, ଅଶୋକ ଖୁଣ୍ଟିଆ, ସର୍ବଜିତ ଜୀ, ରମାକାନ୍ତ ରାଉତ ମାମଲା ପରିଚାଳନା କରିଥିଲେ।

### ପଥପ୍ରାନ୍ତ ବନୀକରଣ

**ଢେଙ୍କାନାଳ ଅଫିସ, ୪।୧୦:** ଗଁଦିଆ ବ୍ଲକ ରାଇତଳା ପଞ୍ଚାୟତ ଅନ୍ତର୍ଗତ ବାଲିଯୋରନ୍ଧାରେ ପଥପ୍ରାନ୍ତ ବନୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ନିରଞ୍ଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ବର, ଅଶ୍ୱତ୍ଥ, କଦମ୍ବ, ବେଲ, ଆମ୍ବ, ପିଜୁଳି, ବଉଳ, ଚମ୍ପା, ପାସ୍ତାବାଦାମ ଆଦି ପ୍ରଜାତିର ଶତାଧିକ ଚାରା ଲଗାଯାଇଥିଲା। ଫୋରମ୍‌ର ସଭାପତି ପ୍ରଦ୍ୟୁମ୍ନ ରଥ, ଉପସଭାପତି ପଙ୍କଜ ନାୟକ, ଗଁଦିଆ ବ୍ଲକ ସଭାପତି ଗଣେଶ୍ୱର ପ୍ରଧାନ, ସମ୍ପାଦକ ଭରତ ପ୍ରମୁଖ ପରିବେଶ ସୁରକ୍ଷାରେ ବୃକ୍ଷର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଗୁପ୍ତେଶ୍ୱର ମିଶ୍ର, ଚକ୍ରଧର ତରାଇ, ଅନ୍ନଦା ଶଙ୍କର ପତି, ଦୁଷ୍ମନ୍ତ ସାହୁ, ସୂର୍ଯ୍ୟକାନ୍ତ ବେହେରା, ପର୍ଶୁରାମ ମହାଭୋଇ, ପ୍ରଦ୍ୟୁମ୍ନ ପଣ୍ଡା, ବିକାଶ ନାୟକ, ବିଦ୍ୟାଧର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସର୍ବଭାରତୀୟ ଆମନ୍ତ୍ରଣୀୟ ଫୁଟ୍‌ବଲ

# ରାଇଜିଂ ଷ୍ଟୁଡେଣ୍ଟ ଚାମ୍ପିୟନ୍

**ଢେଙ୍କାନାଳ ଅଫିସ, ୪।୧୦**

ଢେଙ୍କାନାଳ କ୍ରୀଡ଼ା ସଂଘ ଏବଂ ପ୍ରଶାସନର ମିଳିତ ସହଯୋଗରେ ସ୍ଥାନୀୟ ଷ୍ଟାଡିୟମରେ ଚାଲିଥିବା ପ୍ରଥମ ସର୍ବଭାରତୀୟ ଆମନ୍ତ୍ରଣୀୟ ଫୁଟ୍‌ବଲ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ବନମାଳୀପ୍ରସାଦ ମା’ ମଙ୍ଗଳା କ୍ଲବକୁ ୧-୦ ଗୋଲ୍‌ରେ ହରାଇ କଟକ ରାଇଜିଂ ଷ୍ଟୁଡେଣ୍ଟ ଚାମ୍ପିୟନ ହୋଇଛି। ରାଇଜିଂ ଷ୍ଟୁଡେଣ୍ଟର ମୋହିନ୍ ଖାଁ ଶ୍ରେଷ୍ଠ ଖେଳାଳି, ଶେଖ୍ ମନ୍‌ଜୁର ଅଲ୍ଲି ମ୍ୟାନ୍ ଅଫ୍ ଦି ମ୍ୟାଚ୍, ମହମ୍ମଦ ଆଲାମ୍ ଶ୍ରେଷ୍ଠ ଡିଫେଣ୍ଡର, ସିଦ୍ଧାନ୍ତ ପ୍ରଧାନ ଶ୍ରେଷ୍ଠ ଗୋଲକିପର, ମା’ ମଙ୍ଗଳା କ୍ଲବର ଓଲୁ ଓକାଇ ଶ୍ରେଷ୍ଠ ଫରୱାଡ୍ ପ୍ଲେୟାର, ପାପୁଆ ଶ୍ରେଷ୍ଠ ମିଡ୍‌ଫିଲ୍‌ଡର ଭାବେ ପୁରସ୍କୃତ ହୋଇଥିଲେ। ସୁବ୍ରତ ପୁରୋହିତ, ଜ୍ୟୋତିରଞ୍ଜନ ସ୍ୱାଇଁ, ଅନିଲ କୁମାର ନନ୍ଦ, ଆଶୀର୍ବାଦ କାନୁନ୍‌ଗୋ, ପର୍ଶୁରାମ ମିଶ୍ର, ମହାବୀର ନାଥ, ଅଭିଜିତ ମିଶ୍ର ରେଫରି ଭାବେ ମ୍ୟାଚ୍ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ ରାଇଜିଂ ଷ୍ଟୁଡେଣ୍ଟ ଦଳ।

- ■ମୋହିନ୍ ଖାଁ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି
- ■ଶେଖ୍ ମନଜୁର ଅଲ୍ଲି ମ୍ୟାନ୍ ଅଫ୍ ଦି ମ୍ୟାଚ୍

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଏମ୍‌ପି ମହେଶ ସାହୁ, ସମ୍ମାନିତ ଅତିଥି ବିଧାୟକ ସୁଧୀର କୁମାର ସାମଲ, ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଯୋଗଦେଇ ଉଭୟ ଦଳକୁ ଡ. ବିଧାନଚନ୍ଦ୍ର ମିଶ୍ର ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ପ୍ରଦତ୍ତ ଟ୍ରଫି ଦେଇଥିଲେ। ଚାମ୍ପିୟନ ଦଳକୁ ୩୧ହଜାର ଏବଂ ରନର୍ସଅପ୍ ଦଳକୁ ୨୧ହଜାର ଟଙ୍କା ପୁରସ୍କାର ସ୍ୱରୂପ ଦିଆଯାଇଥିଲା। ଏଥିସହ ଜିଲାର କ୍ରୀଡ଼ାପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ, ଉପସଭାପତି ସଞ୍ଜୟ ଭଞ୍ଜ, ରାମନାରାୟଣ ସାହୁ, ଦିବାକର ପ୍ରଧାନ, ଯୁଗ୍ମ ସମ୍ପାଦକ ଗୌରାଙ୍ଗ ସେଠୀ, ମନୋଜ ପଟ୍ଟନାୟକ, ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ଗାନ୍ଧୀ ଜୟନ୍ତୀ ଅବସରରେ ଆଲୋଚନାରତ ଅତିଥିମାନେ।

# ‘ଗାନ୍ଧୀ ଏକ ସାଙ୍ଗିଆ ନୁହେଁ, ବିଚାର’

**ଢେଙ୍କାନାଳ ଅଫିସ, ୪।୧୦**

ଢେଙ୍କାନାଳ କାଠଗଡ଼ା ସମତାନଗରସ୍ଥିତ ଗାନ୍ଧୀ ଅଧ୍ୟୟନ ଓ ସମାଜ ବିକାଶ ପ୍ରତିଷ୍ଠାନ ପକ୍ଷରୁ ବୁଧବାର ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଆବାହକ ପ୍ରଶାନ୍ତ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଗବେଷକ ଅନ୍ତର୍ଯ୍ୟାମୀ ରଥ ଯୋଗଦେଇ କହିଲେ, ଗାନ୍ଧୀ କେବଳ ଏକ ସାଙ୍ଗିଆ ନୁହେଁ, ଗାନ୍ଧୀ ଏକ ବିଚାର। ଗାନ୍ଧୀ ଦର୍ଶନକୁ ନେଇ ଯୁବ ସମାଜ ଆଗେଇ ଆସିବାକୁ ପ୍ରଫେସର ଡ. ଭବାନୀ ଶଙ୍କର ମିଶ୍ର ଆହ୍ୱାନ ଦେଇଥିଲେ। ସର୍ବୋଦୟ କର୍ମୀ ଅନ୍ତର୍ଯ୍ୟାମୀ ବରାଳ ଗାନ୍ଧୀଙ୍କ ଏକାଦଶ ବ୍ରତ ବିଷୟରେ ଆଲୋଚନା କରିଥିଲେ। ୟୁସୁଫ୍ ମେହେରୁଲି ସେଣ୍ଟରର ରାଜ୍ୟ ସଂଯୋଜକ କଲ୍ୟାଣ ଆନନ୍ଦ, ସରୋଜ ଶତପଥୀ, ଖବରଦାତା ଶିଶିର ଶତପଥୀ ପ୍ରମୁଖ ଆଲୋଚନାରେ ଭାଗ ନେଇ କହିଲେ, ଅହିଂସା ଓ ସତ୍ୟକୁ ଅସ୍ତ୍ର ଭାବରେ ବ୍ୟବହାର କରି ଗାନ୍ଧିଜୀ ସମାଜକୁ ଦିଗଦର୍ଶନ ଦେଇଛନ୍ତି। ଏହା ବିଶ୍ୱନେତାଙ୍କୁ ପ୍ରଭାବିତ କରିଛି। ଏହି ଅବସରରେ ପ୍ଲାଷ୍ଟିକ ମୁକ୍ତ ପରିବେଶ ଗଠନ ଲକ୍ଷ୍ୟ ନେଇ କାଠଗଡ଼ା ଜୁଆଙ୍ଗ ବସ୍ତିରେ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ମନୋଜ ସାହୁ, ଆଶିଷ ମିଶ୍ରଙ୍କ ସମେତ ଗାନ୍ଧୀ ଅଧ୍ୟୟନ କେନ୍ଦ୍ରର କର୍ମୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରତିଭା ବିକାଶ କାର୍ଯ୍ୟକ୍ରମ



ପ୍ରତିଭା ବିକାଶ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କ ସମେତ ଅନ୍ୟମାନେ।

**ଭୁବନ, ୪।୧୦(ଡି.ଏନ.ଏ.)**

ଶହୀଦ ବୀର ବାଜି ରାଉତଙ୍କ ପୁଣ୍ୟତିଥି ଉପଲକ୍ଷେ ବାଜିସେନା ପକ୍ଷରୁ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶୁକ୍ରବାର ପ୍ରତିଭା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ଅଧକ୍ଷ କମଳ ଲୋଚନ ମହାରଣା ଅଧକ୍ଷତା କରିଥିଲେ।

ଏହି ଅବସରରେ ଝୋଟି, ନୃତ୍ୟ, ସଙ୍ଗୀତ, ପ୍ରବନ୍ଧ, ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଏବଂ ଏନ୍‌ଏସି ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ୧୧ ତାରିଖରେ ହେବାକୁ ଥିବା ବାଜି ରାଉତଙ୍କ ଶ୍ରାଦ୍ଧ ଦିବସରେ ପୁରସ୍କୃତ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

ପୂର୍ବତନ ସେନା କର୍ମଚାରୀ ରବିନାରାୟଣ ନାୟକ, ସୋମନାଥ ଦାସ, ଭାଗବତ ସାହୁ, ଉଦୟ କୁମାର ନାୟକ, ପୂର୍ବତନ ପ୍ରଧାନ ଶିକ୍ଷକ ହୃଷୀକେଶ ସାହୁ, ଅଧ୍ୟାପକ ବାସୁଦେବ ସାହୁ ଅତିଥି ଭାବେ ଯୋଗଦେଇ ବାଜି ରାଉତଙ୍କ ସଂଗ୍ରାମୀ ଜୀବନର ସ୍ମୃତିଚାରଣ କରିଥିଲେ। ଅତି କମ୍ ବୟସରୁ ଦେଶ ପାଇଁ ପ୍ରାଣବଳି ଦେଇ ବାଜି ରାଉତ ନିଜ ନାମକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିପାରିଛନ୍ତି। ତାଙ୍କ ପରି ଦେଶଭକ୍ତ ବୀର ବିରଳ। ଏପରି ଶହୀଦଙ୍କୁ ଜନ୍ମଦେଇ ଭୁବନ ମାଟି ଗର୍ବିତ ହୋଇପାରିଛି। ତାଙ୍କ ପଥ ଅନୁସରଣ କରି ଯଶ ଆଣିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ।

ଅନୁଷ୍ଠାନର ଉପଦେଷ୍ଟା ଲଳିତ କୁମାର ବେହେରା, ଛାତ୍ର ବିଜୟ କୁମାର ପରିଡ଼ା, ପ୍ରଦୀପ୍ତ କୁମାର ସାହୁଙ୍କ ସମେତ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର କର୍ମଚାରୀମାନେ ସହଯୋଗ କରିଥିଲେ।

### ସମବାୟ ସମିତିକୁ ଦଲାଲ ମୁକ୍ତ କରିବା ଦାବି

**ଢେଙ୍କାନାଳ ଅଫିସ, ୪।୧୦**

କନ୍ତଓପୁଟସାହି ନୀଳକଣ୍ଠେଶ୍ୱର କୃଷକ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଶ୍ରୀରାମ ମନ୍ଦିରରେ ବୁଧବାର କୃଷକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଚନ୍ଦ୍ରଶେଖର ସାହୁଙ୍କ ଆବାହକତ୍ୱ ଏବଂ ସଭାପତି ସରୋଜ ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆଞ୍ଚଳିକ ବରିଷ୍ଠ ନାଗରିକ ସମାଜ ସଭାପତି ପ୍ରମୋଦ କୁମାର ନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ଗାନ୍ଧିଜୀଙ୍କ ପରିକଳ୍ପିତ ଗ୍ରାମୀଣ ଅର୍ଥନୀତି ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବେ କବି ବାହାଦୁର ପାଟସାହାଣୀ ଯୋଗଦେଇ ଦେଶର ଅର୍ଥନୀତିରେ କୃଷିର ଆବଶ୍ୟକତା ଏବଂ ବଜାର ଅର୍ଥନୀତି ସ୍ଥିରତାରେ ଖାଉଟିଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସେବା ସମବାୟ ସମିତିକୁ ଦଲାଲ୍‌ମୁକ୍ତ କରିବା, ଚାଷୀଙ୍କୁ ଉପଯୁକ୍ତ ସେବା ପ୍ରଦାନ କରିବାକୁ ମତପ୍ରକାଶ ପାଇଥିଲା। କୃଷି ଉତ୍ପାଦିତ ସାମଗ୍ରୀର ଉପଯୁକ୍ତ ବଜାର ମୂଲ୍ୟ ପ୍ରଦାନ, ସମବାୟ ସମିତି ମାଧ୍ୟମରେ ସୁଲଭ ମୂଲ୍ୟରେ ବିହନ, ସାର, କୀଟନାଶକ ଯୋଗାଣ, କୃଷି ଋଣ ପ୍ରଦାନ ଆଦି ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ଅଧ୍ୟାପକ କ୍ଷୀରୋଦ ଚନ୍ଦ୍ର ନାୟକ, ସନ୍ତୋଷ ସାହୁ, ବୈକୁଣ୍ଠ ବେହେରା, ଧ୍ରୁବଚରଣ ରାଉତ, ପ୍ରମୋଦ ସାହୁ, ଗୋବିନ୍ଦ ସାହୁ, ସଞ୍ଜୟ ବେହେରା, ନିରଞ୍ଜନ ସାହୁ ପ୍ରମୁଖ ଶତାଧିକ ଚାଷୀ ଯୋଗ ଦେଇଥିଲେ।

# ‘ବୟସ୍କଙ୍କ ଅଭିଜ୍ଞତା ପରିବର୍ତ୍ତନ ଆଣିବ’



ଭୁବନରେ ଆୟୋଜିତ ବରିଷ୍ଠ ନାଗରିକ ଦିବସରେ ଅତିଥିଙ୍କ ସମେତ ଅନ୍ୟମାନେ।

**ସାତମାଇଲ/ଭୁବନ, ୪।୧୦(ଡି.ଏନ.ଏ.)**

ବରିଷ୍ଠ ନାଗରିକ ହେଉଛନ୍ତି ମାର୍ଗଦର୍ଶକ। ଜଣେ ସଫଳ ବ୍ୟକ୍ତି ପଛରେ ବୟସ୍କଙ୍କ ଆଶୀର୍ବାଦ ଥାଏ। ସେମାନଙ୍କ ଅଭିଜ୍ଞତାକୁ ପାଥେୟ କରି କାମ କଲେ ସାମାଜିକ ବ୍ୟବସ୍ଥାରେ ପରିବର୍ତ୍ତନ ଆସିବ ବୋଲି କହିଛନ୍ତି ରଞ୍ଜାଗୋଳ ଜନସେବା କେନ୍ଦ୍ର ଭିଏଲ୍‌ଇ ପ୍ରଶାନ୍ତ ଜେନାମଣି। ଅସରଡ଼ା ଗ୍ରାମରେ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ସେ ଏହା କହିଛନ୍ତି। ଏହି ଅବସରରେ ବଂଶୀଧର ସାହୁ (୯୨)ଙ୍କୁ ସମ୍ମାନିତ କରାଯାଇଥିଲା। ରଞ୍ଜାଗୋଳ ଗ୍ରାମରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ସତ୍ୟବାଦୀ ନାଏକ ଯୋଗଦେଇ ବରିଷ୍ଠ ନାଗରିକ ମାଧବ ସାହୁ (୮୩)ଙ୍କୁ ସମ୍ମାନିତ କରିଥିଲେ। ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟପରୀକ୍ଷା ଲାଗି ପଞ୍ଚାୟତ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

ସେହିପରି ଭୁବନ ଜେଏମ୍‌ଏଫ୍‌ସି କୋର୍ଟ ପରିସରରେ ତାଲୁକ ଆଇନ ସେବା ପ୍ରାଧିକରଣ ପକ୍ଷରୁ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି। ଏଥିରେ ଜେଏମ୍‌ଏଫ୍‌ସି ଶ୍ରୀଚନ୍ଦନ ଦାସ ଅଧକ୍ଷତା କରିଥିଲେ। ଓକିଲ ସଂଘ ସଭାପତି ବାବୁଲି ସେଠୀ, ସରକାରୀ ଓକିଲ ମହେନ୍ଦ୍ର ମହାପାତ୍ର, ଆଇନଜୀବୀ ଦିବାକର ଦାସ, ପ୍ରକାଶ ନାୟକ, ପ୍ରହଲ୍ଲାଦ ସାହୁ ପ୍ରମୁଖ ଉପସ୍ଥିତ ରହି ବୟସ୍କଙ୍କ ଲାଗି ରହିଥିବା ବିଭିନ୍ନ ଆଇନଗତ ସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ। ବରିଷ୍ଠ ନାଗରିକ ଶ୍ରୀଧର ବେହେରା ବୟସ୍କମାନେ ଭୋଗୁଥିବା ସମସ୍ୟାର ସମାଧାନ କରିବାକୁ ଦାବି କରିଥିଲେ। ରଥ ସେଠୀ, ବ୍ରଜ ରାଉତ, ଦୁର୍ଗା ପୃଷ୍ଟି, ରାମଚନ୍ଦ୍ର ନାୟକଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

# କ୍ଷେତ୍ରସ୍ତରୀୟ ବିଜ୍ଞାନ ମେଳାକୁ ଗଲେ ୫ ଛାତ୍ରୀଛାତ୍ର



ଅତିଥିଙ୍କ ଗହଣରେ ପ୍ରତିଯୋଗୀମାନେ।

**ଢେଙ୍କାନାଳ ଅଫିସ, ୪।୧୦**

ରାଉରକେଲାରେ ଆୟୋଜିତ ଦୁଇଦିନିଆ ପ୍ରାଦେଶିକ ଜ୍ଞାନବିଜ୍ଞାନ ମେଳାରେ ଢେଙ୍କାନାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୫ଜଣ ଛାତ୍ରୀଛାତ୍ର କୃତିତ୍ୱ ଅର୍ଜନ କରି କ୍ଷେତ୍ରସ୍ତରୀୟ ଜ୍ଞାନବିଜ୍ଞାନ ମେଳାକୁ ଚୟନ ହୋଇଛନ୍ତି। କିଶୋରବର୍ଗ ବିଜ୍ଞାନ ପ୍ରଶ୍ନ ମଞ୍ଚରେ ଲିନୁପ୍ରିୟା ଜେନା, ପ୍ରାଚୀ ପରିଣିତା ବରାଳ, ଅଭିଜିତ ରାଉତ ଏବଂ ପ୍ରକଳ୍ପରେ ରିଚିକା ସାହୁ, ପାୟଲ କରଣ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ସମ୍ପୃକ୍ତ ଛାତ୍ରୀଛାତ୍ରମାନେ ଆସନ୍ତା ୧୮ ତାରିଖରେ ପଶ୍ଚିମବଙ୍ଗ ମେଦିନାପୁର ଜମୁନାବାଲିରେ ହେବାକୁ ଥିବା କ୍ଷେତ୍ରସ୍ତରୀୟ ଜ୍ଞାନବିଜ୍ଞାନ ମେଳାରେ ଭାଗନେବେ ବୋଲି ସମ୍ପାଦକ ବିଶ୍ୱନାଥ ବେହେରା ଜଣାଇଛନ୍ତି। ଶିକ୍ଷୟିତ୍ରୀ ରୀତା ତ୍ରିପାଠୀ, ଶିକ୍ଷକ ସଞ୍ଜୀବ ମିଶ୍ରଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ପ୍ରାଦେଶିକ ଜ୍ଞାନବିଜ୍ଞାନ ମେଳାରେ ଅଂଶଗ୍ରହଣ କରିଥିଲେ।

## ଜିଲାସ୍ତରୀୟ କବାଡ଼ି, ଖୋଖୋ ପ୍ରତିଯୋଗିତା ଉଦ୍‌ଯାପିତ

# ହିନ୍ଦୋଳ, କାମାକ୍ଷାନଗର ଚାମ୍ପିୟନ

**କାମାକ୍ଷାନଗର, ୪।୧୦(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କାନପୁରା ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ବିଦ୍ୟାଳୟ ସମୂହ ଜିଲାସ୍ତରୀୟ କବାଡ଼ି ଏବଂ ଖୋଖୋ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବାଳକ ବିଭାଗ କବାଡ଼ିରେ ହିନ୍ଦୋଳ ବ୍ଲକ ଚାମ୍ପିୟନ ଏବଂ କାମାକ୍ଷାନଗର ବ୍ଲକ ରନର୍ସଅପ୍ ହୋଇଛି। ବାଳିକାରେ ହିନ୍ଦୋଳ ଏବଂ ପରଜଙ୍ଗ ବ୍ଲକ ଯଥାକ୍ରମେ ଚାମ୍ପିୟନ ଓ ରନର୍ସଅପ୍ ହୋଇଛନ୍ତି। ସେହିଭଳି ବାଳକ ବିଭାଗ ଖୋଖୋରେ କାମାକ୍ଷାନଗର ଚାମ୍ପିୟନ ଏବଂ ଓଡ଼ାପଡ଼ା ରନର୍ସଅପ୍ ହେବାର ଗୌରବ ଲାଭ କରିଛନ୍ତି। କବାଡ଼ିରେ ବଳରାମ ଦେହୁରୀ, ଶିଳା ବେହେରା, ବାଦଲ ରାଉତ, ଦୁମୁନୁ ମୁର୍ମୁ ଶ୍ରେଷ୍ଠ ବିବେଚିତ ହୋଇଛନ୍ତି। ସେହିଭଳି ଖୋଖୋରେ ସତ୍ୟଜିତ୍ ରଣା, ବିଜୟଲକ୍ଷ୍ମୀ ଦାସ, ରଣଜିତ୍ ମହାଳିକ, ପ୍ରିୟଙ୍କା ସାହୁଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ବିବେଚନା କରାଯାଇଛି।

ପରଜଙ୍ଗ ବିଇଓ ହରିହର ଦେହୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ମୁଖ୍ୟବକ୍ତା ସାରଙ୍ଗଧର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଗବନ୍ଧୁ ଜେନା, ସମ୍ମାନିତ ଅତିଥି ସମାଜିକକର୍ମୀ ସୁଶାନ୍ତ ପଟ୍ଟନାୟକ ମଙ୍ଗତଲାଲ କଟାରୁକା, ପ୍ରଧାନଶିକ୍ଷକ ପ୍ରାଣବନ୍ଧୁ ମହାରଣା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲୋକନାଥ ଷଡ଼ଙ୍ଗୀ, ନାଟ୍ୟକାର ଦୀନେଶ ଦାସ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଜିଲା ଶାରୀରିକ ଶିକ୍ଷା ନୀରିକ୍ଷକ ସୌଦାମିନୀ ଦାସ ବିବରଣୀ ପାଠ କରିଥିଲେ। ଶିକ୍ଷକ ନିରଞ୍ଜନ ସାହୁ, ଜାତୀୟ ଘୋଷକ ବିପିନ ବିହାରୀ ସାହୁ, ସୁଶାନ୍ତ କୁମାର ନାଥ, ସୌମେନ୍ଦ୍ର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ ଧନ୍ୟବାଦ ଦେଇଥିଲେ।



ଅତିଥିଙ୍କ ସହ ଚାମ୍ପିୟନ ଦଳ।

